ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୭, ସଂଖ୍ୟା-୦୯, ଭୁବନେଶ୍ୱର: ମାର୍ଚ୍ଚ ୦୯-୧୫, ୨୦୨୬ | Vol-17, Issue-09, Bhubaneswar : March 09-15, 2026

RNI NO.ODIODI/2010/33715

# ରାଜ୍ୟସଭା ରଣାଙ୍ଗନ: ୪ ଆସନ ପାଇଁ ୫ ପ୍ରାର୍ଥୀଙ୍କ ନାମାଙ୍କନ





ଭୁବନେଶ୍ୱର: ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶା ରାଜନୀତି ଏବେ ସରଗରମ ହୋଇଉଠିଛି। ନାମାଙ୍କନ ଦାଖଲର ଶେଷ ଦିନରେ ବିଧାନସଭା ପରିସରରେ ୪ଟି ଆସନ ପାଇଁ ମୋଟ ୫ ଜଣ ପ୍ରାର୍ଥୀ ସେମାନଙ୍କ ପତ୍ର ଦାଖଲ କରିଛନ୍ତି। ଶାସକ ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଜେଡି ପକ୍ଷରୁ ସନ୍ତୃପ୍ତ ମିଶ୍ର ନାମାଙ୍କନ ଭରିଛନ୍ତି। ଏଥିସହିତ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଏବଂ ବିଜେଡି, କଂଗ୍ରେସ ଓ ସିପିଏମ୍‌ର ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ମଇଦାନକୁ ଓହ୍ଲାଇଛନ୍ତି। ସଂଖ୍ୟା ଗଣିତ ଅନୁସାରେ ମନମୋହନ, ସୁଜିତ ଓ ସନ୍ତୃପ୍ତଙ୍କ ବିଜୟ ଏକପ୍ରକାର ନିଶ୍ଚିତ ଜଣାପଡୁଥିବା ବେଳେ ଚତୁର୍ଥ ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀଙ୍କ ଲଢ଼େଇ ବେଶ୍ ରୋଚକ ହେବ ବୋଲି ଚର୍ଚ୍ଚା ହେଉଛି। ନାମାଙ୍କନ ଦାଖଲ ସମୟରେ ବିଧାନସଭାରେ କିଛି ଅଭାବନୀୟ ତଥା ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ପରସ୍ପରର ଘୋର ବିରୋଧୀ କୁହାଯାଉଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ଏକାଠି ବସିଥିବାର ଦେଖାଯାଇଥିଲା। ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କ ଦୁଇଟି ସେଟ୍ ନାମାଙ୍କନ ପତ୍ରରେ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟ ବିଧାୟକମାନେ ପ୍ରସ୍ତାବକ ରହିଥିବା ବେଳେ, ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ପାଇଁ ବିଜେଡି ଓ କଂଗ୍ରେସର ବିଧାୟକମାନେ ମିଳିତ ଭାବେ ପ୍ରସ୍ତାବକ ସାଜିଛନ୍ତି। ରିଟର୍ଣ୍ଣିଂ ଅଫିସର ସତ୍ୟବ୍ରତ ରାଉତଙ୍କ ନିକଟରେ ଜଣଙ୍କ ପରେ ଜଣେ ପ୍ରାର୍ଥୀ ନିଜର ପତ୍ର ଦାଖଲ କରିଥିଲେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜେପିର ଦୁଇ ପ୍ରାର୍ଥୀ ଓ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ନାମାଙ୍କନ ଭରିଥିଲେ। ଏହି ପ୍ରକ୍ରିୟା ପୂର୍ବରୁ ବିଜେପି ପ୍ରାର୍ଥୀମାନେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇବା ସହ ଭୁବନେଶ୍ୱର ରାମ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଭବ୍ୟ ଶୋଭାଯାତ୍ରାରେ ବିଧାନସଭାକୁ ଆସିଥିଲେ। ପ୍ରକାଶ ଥାଉ କି, ମନମୋହନ ସାମଲ ପୂର୍ବରୁ ୨୦୦୦-୨୦୦୪ ଯାଏଁ ରାଜ୍ୟସଭା ସଦସ୍ୟ ଥିବା ବେଳେ ଦିଲ୍ଲୀପ ରାୟ ମଧ୍ୟ ୨୦୦୦ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତି ରାଜ୍ୟସଭାକୁ ଯାଇଥିଲେ। ସେହିପରି ସୁଜିତ କୁମାରଙ୍କ ସଦସ୍ୟତା ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେବାକୁ ଯାଉଛି। ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ପରିଚାଳନା ପାଇଁ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଫିସର ଓ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ସହକାରୀ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି।

## ପାରାଦୀପ ଇଫ୍‌କୋରେ ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପାରାଦୀପ ଇଫକୋଠାରେ ୭୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ତୃତୀୟ 'ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ'ର ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଶାହ କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ରାଜ୍ୟରେ ବିଜେପି ସରକାର ଗଠନ ହୋଇଛି ଏବଂ ଆଗାମୀ ଦିନରେ ଗୁଜରାଟ ଭଳି ଓଡ଼ିଶା ମଧ୍ୟ ଏକ ବିକଶିତ ରାଜ୍ୟ ଭାବେ ଉଭା ହେବ। ଇଫକୋର ଏହି ନୂତନ ପ୍ଲାଣ୍ଟ ଦେଶର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ସୁଦୃଢ଼ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ସାର ଉତ୍ପାଦନରେ ଇଫକୋ ବିଶ୍ୱରେ ଏକ ନମ୍ବର ସଂସ୍ଥା। ଏହି ନୂତନ ପ୍ଲାଣ୍ଟ ଦ୍ୱାରା ଦୈନିକ ୨ ହଜାର ଟନ୍ ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନ ହେବ, ଯାହାଫଳରେ ବିଦେଶରୁ ଆମଦାନୀ ବନ୍ଦ ହେବ। ପାରାଦୀପକୁ ଓଡ଼ିଶାର ସମୃଦ୍ଧିର ପ୍ରତିବିମ୍ବ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାରାଦୀପରୁ ପୁରୀ ପର୍ଯ୍ୟନ୍ତ ଏକ 'ଇକୋନୋମିକ ରୋଡ୍' ନିର୍ମାଣ କରାଯାଇ ଏହାକୁ ପୂର୍ବ ଭାରତର 'ମୁମ୍ବାଇ' ଭଳି ଏକ ଅର୍ଥନୈତିକ ହବ୍‌ରେ ପରିଣତ କରାଯିବ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାରାଦୀପକୁ ଭାରତର 'ଆର୍ଥିକ ପ୍ରୟୋଗଶାଳା' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ସାର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ ଏବଂ ଚାଷୀମାନେ ଶସ୍ତା ଦରରେ ସାର ପାଇପାରିବେ। ଆଗାମୀ ଦିନରେ ପାରାଦୀପରେ ଟେକ୍ସଟାଇଲ୍ ପାର୍କ ଭଳି ବୃହତ୍ ଶିଳ୍ପ ଭିତ୍ତିଭୂମି ସୃଷ୍ଟି ହୋଇ ଓଡ଼ିଶାକୁ ଦେଶର ଅର୍ଥନୀତିର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ବାର୍ଷିକ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ସଲଫ୍ୟୁରିକ୍ ଏସିଡ୍ ଆମଦାନୀ ଉପରେ ରୋକ ଲାଗିବ, ଯାହା ଦେଶର ବୈଦେଶିକ ମୁଦ୍ରା ସାଞ୍ଚ କରିବାରେ ସହାୟକ ହେବ। ସମବାୟ କ୍ଷେତ୍ରରେ ଓଡ଼ିଶାର କୃଷକ ଓ ଗ୍ରାମୀଣ ଜନସାଧାରଣଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ବୃହତ୍ ଯୋଜନା କାର୍ଯ୍ୟକାରୀ କରାଯିବା ନେଇ ମଧ୍ୟ ଗୃହମନ୍ତ୍ରୀ ସୂଚନା ଦେଇଛନ୍ତି।

## ୩୨୭୫ କୋଟିର ପ୍ରକଳ୍ପ ଭେଟି ଦେଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ

ଭୁବନେଶ୍ୱର : ବିକଶିତ ଓଡ଼ିଶା ଗଠନ ସଂକଳ୍ପ ସହ ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ପାଇଁ ମୋଟ ୩୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିମଧ୍ୟରେ ୧୧୫୯.୦୩ କୋଟି ଟଙ୍କାର ୬୯ଟି ପ୍ରକଳ୍ପ ଉଦ୍ଘାଟିତ ହୋଇଥିବା ବେଳେ ୨୧୧୬.୦୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ କ୍ୟାବିନେଟର ଅନେକ ମନ୍ତ୍ରୀ ଉପସ୍ଥିତ ଥିଲେ। ଗୃହମନ୍ତ୍ରୀ ଶାହ ଓଡ଼ିଶାକୁ କଳା ଓ ସଂସ୍କୃତିର ସମୃଦ୍ଧ ମାଟି ଭାବେ ଅଭିହିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ପୂରଣ ଦିଗରେ ଏହି ପ୍ରକଳ୍ପଗୁଡ଼ିକ ଅଗ୍ରଗତି କରିବ ବୋଲି ପ୍ରକାଶ କରିଛନ୍ତି।

ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ 'ସମବାୟ ନୀତି-୨୦୨୬' କାର୍ଯ୍ୟକାରୀ କରିଥିବା ବେଳେ ଏହାକୁ ଗୃହମନ୍ତ୍ରୀ ଶାହ ଶୁଭାରମ୍ଭ କରିଛନ୍ତି। ଏହି ନୂତନ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି, ଯାହା 'ସହକାରୀତା ସେ ସମୃଦ୍ଧି'ର ସ୍ୱପ୍ନକୁ ସାକାର କରିବ। ଏଥିସହ ବହୁ ପ୍ରତିକ୍ଷିତ ବଡ଼ମ୍ବା ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ଇଣ୍ଡିଆନ ପଟାସ ଲିମିଟେଡ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି, ଯାହା ସେହି ଅଞ୍ଚଳର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱପ୍ନ ପୂରଣ କରିବ। ସେହିପରି ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଖୋର୍ଦ୍ଧାର ଟାଙ୍ଗୀଠାରେ ଦୈନିକ ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ନୂଆ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟର ଉଦ୍ଘାଟନ କରାଯାଇଛି। ଓମ୍‌ଫେଡ୍ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ମାସିକ ୩୦ ଟନ୍ ଶୁଦ୍ଧ ଘିଅ ଯୋଗାଇ ଦିଆଯାଉଥିବା ନେଇ ମଧ୍ୟ ସୂଚନା ଦିଆଯାଇଛି। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୃହମନ୍ତ୍ରୀ ଶାହ ୨୦ଟି ଜିଲ୍ଲାରେ ନୂତନ ସାଇବର ଥାନା ଏବଂ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଲୋକାର୍ପଣ କରିଛନ୍ତି। ଏହାସହ ୨୪ଟି ନୂତନ ଥାନାର ମଧ୍ୟ ଶୁଭାରମ୍ଭ କରାଯାଇଛି। ଓଡ଼ିଶା ପୋଲିସକୁ ଆଧୁନିକ ତାଲିମ ଦେବା ପାଇଁ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ଭୁବନେଶ୍ୱର ସହ ବୁଝାମଣା ହୋଇଛି। ଗସ୍ତ କାଳରେ ଶାହ କଟକ ମୁଣ୍ଡଳୀଠାରେ ସିଆଇଏସଏଫ୍ ପ୍ରତିଷ୍ଠା ଦିବସରେ ଯୋଗ ଦେବା ସହ ପାରାଦୀପରେ ଇଫକୋର 'ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ'କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ୨୦୨୫ର ପ୍ରଥମ ଛଅ ମାସରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ବିଧାନ ହାର ୪୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ୨୦୨୩ରେ ମାତ୍ର ୬.୭ ପ୍ରତିଶତ ଥିଲା। ଏହି ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ଓଡ଼ିଶାର ଚାଷୀ, ଯୁବକ ଓ ମହିଳାମାନଙ୍କୁ ଆର୍ଥିକ ସମୃଦ୍ଧ କରିବା ଦିଗରେ ଏକ ବଡ଼ ପଦକ୍ଷେପ।

## ଏପ୍ରିଲରୁ ଭୋଟର୍ ତାଲିକା ସଂଶୋଧନ

ଭୁବନେଶ୍ୱର: ଆସନ୍ତା ଏପ୍ରିଲ ୧ରୁ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ୨୦୨୫ ତାଲିକାକୁ ୨୦୦୨ର ତଥ୍ୟ ସହ ମିଳାଇ ଦେଖାଯାଉଛି। ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ ଯାଞ୍ଚ କାମ ସରିଥିବା ବେଳେ ପ୍ରାୟ ୪ ଲକ୍ଷ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳରେ ଏହି କାମ ଶେଷ ହୋଇଥିବା ବେଳେ ସହରାଞ୍ଚଳରେ ବାକି ଥିବା ଯାଞ୍ଚକୁ ଶୀଘ୍ର ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଭୋଟରମାନେ ନିଜ ନିଜର ତଥ୍ୟ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଜରିଆରେ କିମ୍ବା ଅନଲାଇନ୍ ମାଧ୍ୟମରେ ଯାଞ୍ଚ କରିପାରିବେ। ଯେଉଁ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି କିମ୍ବା ଯାଞ୍ଚ ହୋଇପାରୁନାହିଁ, ସେମାନଙ୍କ ନାମ ଚୂଡ଼ାନ୍ତ ତାଲିକାରୁ ବାଦ୍ ଦିଆଯିବ। ସହରାଞ୍ଚଳରେ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି। ଭୋଟରମାନେ ନିଜର ପରିଚୟ ପତ୍ର, ଜନ୍ମ ତାରିଖ ଏବଂ ମତଦାନ କେନ୍ଦ୍ର ସମ୍ପର୍କିତ ସମସ୍ତ ତଥ୍ୟ ମୋବାଇଲ୍ ଆପ୍ ଜରିଆରେ ମଧ୍ୟ ଯାଞ୍ଚ କରିପାରିବେ।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ

➢ ବାଗାଟୋର ବିଚ୍
➢ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ
➢ ରୁଟି
➢ ଚିନାବାଦାମ

# ଇରାନରେ ଶାସନ ବ୍ୟବସ୍ଥାର ଜଟିଳତା

ମଧ୍ୟପ୍ରାଚ୍ୟର ଜଟିଳ ଭୂ-ରାଜନୈତିକ ପରିସ୍ଥିତି ଏବେ ଏକ ଅଭାବନୀୟ ମୋଡ଼ରେ ପହଞ୍ଚିଛି, ଯାହା ସାମରିକ ରଣନୀତିର ପାରମ୍ପରିକ ପରିଭାଷାକୁ ବଦଳାଇ ଦେଇଛି। ସାଧାରଣତଃ ବିଶ୍ୱାସ କରାଯାଏ ଯେ କେବଳ ଆକାଶମାର୍ଗରୁ ଆକ୍ରମଣ କରି କୌଣସି ଶକ୍ତିଶାଳୀ ଦେଶର ଶାସନ କ୍ଷମତାରେ ପରିବର୍ତ୍ତନ ଆଣିବା ସମ୍ଭବ ନୁହେଁ, କିନ୍ତୁ ଆମେରିକା ଓ ଇସ୍ରାଏଲର ସାମ୍ପ୍ରତିକ ମିଳିତ ଅଭିଯାନ ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରିଛି। ଯେଉଁ ସମୟରେ ଆମେରିକା କିମ୍ବା ଇସ୍ରାଏଲ କେହି ହେଲେ ଇରାନ ଭିତରେ ସସୈନ୍ୟ ପ୍ରବେଶ କରିବାକୁ ଚାହୁଁନାହାନ୍ତି, ସେଭଳି ସ୍ଥିତିରେ ସେମାନେ ଯେଉଁ ଚମକପ୍ରଦ ସଫଳତା ହାସଲ କରିଛନ୍ତି ତାହା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ୨୦୦୩ ମସିହାରେ ଆମେରିକା ଯେତେବେଳେ ଇରାକର ଏକଛତ୍ର ଶାସକ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ କରିବା ପାଇଁ ଅଭିଯାନ ଚଳାଇଥିଲା, ସେତେବେଳେ ତାଙ୍କୁ ଧରିବା ପାଇଁ ଦୀର୍ଘ ନ' ମାସ ସମୟ ଲାଗିଥିଲା। ସେହିପରି ରୁଷିଆ-ୟୁକ୍ରେନ ଯୁଦ୍ଧକୁ ଚାରି ବର୍ଷ ବିତିଯାଇଥିଲେ ମଧ୍ୟ ରୁଷିଆ ଏପର୍ଯ୍ୟନ୍ତ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କୁ ହତ୍ୟା କରିବାରେ ସଫଳ ହୋଇପାରି ନାହିଁ। ମାତ୍ର ଇରାନ ବିରୁଦ୍ଧରେ ଚଳିତ ଯୁଦ୍ଧ ଆରମ୍ଭର ମାତ୍ର ଗୋଟିଏ ଦିନ ମଧ୍ୟରେ ଆମେରିକା ଓ ଇସ୍ରାଏଲ ସେ ଦେଶର ସର୍ବମୟ କର୍ତ୍ତା ଆୟାତୋଲା ଆଲି ଖାମେନେଇଙ୍କ ସମେତ ସମଗ୍ର ଶୀର୍ଷ ନେତୃତ୍ୱକୁ ନିଶ୍ଚିହ୍ନ କରିଦେଇଛନ୍ତି। ଖାମେନେଇଙ୍କ ସହିତ ଇରାନର ପ୍ରତିରକ୍ଷା ମନ୍ତ୍ରୀ, ସେନାଧ୍ୟକ୍ଷ, ପ୍ରଭାବଶାଳୀ 'ଇସ୍‌ଲାମିକ୍ ରେଭଲ୍ୟୁସନାରି ଗାର୍ଡ କୋର୍‌ର ମୁଖ୍ୟ ଏବଂ ପ୍ରତିରକ୍ଷା ପରିଷଦର ମୁଖ୍ୟଙ୍କ ନିଧନ ଇରାନର ସାମରିକ ଓ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଏହି ଘଟଣା କେବଳ ଏକ ସାମରିକ ସଫଳତା ନୁହେଁ, ବରଂ ଏହା ବିଶ୍ୱ ରାଜନୀତିରେ ଶକ୍ତି ସନ୍ତୁଳନକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବାକୁ ଯାଉଛି।

ଆମେରିକା ଓ ଇସ୍ରାଏଲର ଚମକପ୍ରଦ ଆକ୍ରମଣରେ ଶୀର୍ଷ ନେତୃତ୍ୱର ପତନ ଘଟିଥିଲେ ହେଁ, ଇରାନରେ ଚାରି ଦଶନ୍ଧିର ଏକଛତ୍ର ଧର୍ମତନ୍ତ୍ରର ଅନ୍ତ ଘଟିଛି ବୋଲି ଭାବିବା ଏକ ବଡ଼ ଭ୍ରମ ହୋଇପାରେ। ଇରାନୀ ସମ୍ବିଧାନ ଅନୁଯାୟୀ, ୮୮ ଜଣିଆ ମୁଲ୍ଲାମାନଙ୍କର ଏକ ବିଶେଷଜ୍ଞ ସଭା ନୂତନ ସର୍ବୋଚ୍ଚ ନେତା ଚୟନ କରିବାର କ୍ଷମତା ରଖିଛନ୍ତି। ଯେ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଶେଷ ହୋଇନାହିଁ, ସେ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି, ମୁଖ୍ୟ ବିଚାରପତି ଏବଂ ଜଣେ ବରିଷ୍ଠ ମୁଲ୍ଲାଙ୍କୁ ନେଇ ଗଠିତ ଏକ ଅନ୍ତରୀଣ ପରିଷଦ ଶାସନ ଭାର ସମ୍ଭାଳିବାର ବ୍ୟବସ୍ଥା ରହିଛି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ନେତାମାନେ ବର୍ତ୍ତମାନ ଜୀବିତ ଅଛନ୍ତି କି ନାହିଁ ତାହା ଏବେ ବି ଅସ୍ପଷ୍ଟ।

ପୂର୍ବରୁ ଆୟାତୋଲା ଖାମେନେଇଙ୍କ ପୁତ୍ର ମୋଜ୍ ?ତାବାଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବେ ବିଚାର କରାଯାଉଥିଲା, କିନ୍ତୁ ସାମ୍ପ୍ରତିକ ଆକ୍ରମଣରେ ସେ ମଧ୍ୟ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ବଞ୍ଚିଯାଇଥିବା ଶାସକ ଗୋଷ୍ଠୀ କୌଣସି ଜଣେ ବରିଷ୍ଠ ମୁଲ୍ଲା ବା କମିଟି ହାତରେ କ୍ଷମତା ଅର୍ପଣ କରିପାରନ୍ତି। ଇରାନର ପ୍ରକୃତ କ୍ଷମତା ସର୍ବଦା 'ଇସ୍‌ଲାମିକ୍ ରେଭଲ୍ୟୁସନାରି ଗାର୍ଡ କୋର୍ ହାତରେ ରହିଆସିଛି। ଯଦିଓ ଏହି ବାହିନୀର ଅନେକ ବରିଷ୍ଠ ସେନାପତି ନିହତ ହୋଇଛନ୍ତି, ତଥାପି ଖାମେନେଇଙ୍କ ମୃତ୍ୟୁ ପରେ ମଧ୍ୟ ଇରାନର ପ୍ରତିଆକ୍ରମଣ ଜାରି ରହିବା ଏହା ପ୍ରମାଣିତ କରୁଛି ଯେ ସେଠାରେ ପ୍ରତିଷ୍ଠିତ ବ୍ୟବସ୍ଥା ଏବେ ବି କାର୍ଯ୍ୟକ୍ଷମ ଅଛି। ଇରାନ ଲଗାତାର ଭାବେ ଇସ୍ରାଏଲ ସମେତ କାତାର, ବାହରେନ ଓ ଦୁବାଇ ଭଳି ସ୍ଥାନଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ବର୍ଷା କରୁଛି।

ଏହି ବ୍ୟବସ୍ଥାର ବିଶେଷତ୍ୱ ହେଉଛି ଏହା କୌଣସି ବ୍ୟକ୍ତି ବା ପରିବାର ଉପରେ ନିର୍ଭରଶୀଳ ନୁହେଁ। ଡୋନାଲ୍ଡ ଟ୍ରମ୍ପ ଜନସାଧାରଣଙ୍କୁ ବିଦ୍ରୋହ ପାଇଁ ଆହ୍ୱାନ ଦେଇଥିଲେ ହେଁ, 'ଆଇଆର୍‌ଜିସି' ଏବଂ କଠୋରପନ୍ଥୀମାନେ ଜନଅସନ୍ତୋଷକୁ ଦମନ କରି କ୍ଷମତା ଦଖଲ କରିବାର ସମ୍ଭାବନା ଅଧିକ। ଶେଷରେ ଏହା ସ୍ପଷ୍ଟ ଯେ, କେବଳ ଆକାଶମାର୍ଗରୁ ଆକ୍ରମଣ କରି ଶାସନ କ୍ଷମତାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବା ସମ୍ଭବ ନୁହେଁ, ବିଶେଷ କରି ଯେତେବେଳେ ଆମେରିକା ବା ଇସ୍ରାଏଲ ସସୈନ୍ୟ ପ୍ରବେଶ ପାଇଁ ପ୍ରସ୍ତୁତ ନୁହନ୍ତି। ସାମ୍ପ୍ରତିକ ଘଟଣାବଳୀ ପରେ ଇରାନର ପୂର୍ବରୁ ରୁଗ୍‌ଣ ହୋଇ ପଡ଼ିଥିବା ଅର୍ଥନୀତି ଆହୁରି ଦୁର୍ବଳ ହେବା ନିଶ୍ଚିତ ହୋଇପଡ଼ିଛି। ବିଶେଷ କରି ଅଶୋଧିତ ତୈଳ ରପ୍ତାନି ବାଧାପ୍ରାପ୍ତ ହେଲେ ଦେଶର ଅର୍ଥନୈତିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିବ। ଏହାର ସବୁଠାରୁ ବଡ଼ ପ୍ରଭାବ ଇରାନ ଦ୍ୱାରା ପରିପୁଷ୍ଟ ଆଞ୍ଚଳିକ ଆତଙ୍କବାଦୀ ସଂଗଠନଗୁଡ଼ିକ ଉପରେ ପଡ଼ିବ। ଆର୍ଥିକ ଅଭାବ ଯୋଗୁଁ ଇରାନ ଆଉ ପୂର୍ବଭଳି 'ହେଜବୁଲା', 'ହୁଥି' ଏବଂ 'ହମାସ' ଭଳି ସଂଗଠନଗୁଡ଼ିକୁ ସାମରିକ ଓ ଆର୍ଥିକ ସହାୟତା ଯୋଗାଇ ପାରିବ ନାହିଁ। ଇସ୍ରାଏଲ ବିରୁଦ୍ଧରେ ଆତଙ୍କବାଦର ପ୍ରସାର ପାଇଁ ଏହି ସଂଗଠନଗୁଡ଼ିକର ସ୍ଥାପନ କରିବା ଖାମେନେଇଙ୍କର ଏକ ବିଶେଷ ଅବଦାନ ବୋଲି ବିବେଚନା କରାଯାଏ, ତେଣୁ ଏହି ଗୋଷ୍ଠୀଗୁଡ଼ିକର ଦୁର୍ବଳତା ସହିତ ଇରାନ ବାହାରେ ଖାମେନେଇଙ୍କ ପ୍ରଭାବର ଅନ୍ତ ଘଟିବ ବୋଲି ସ୍ପଷ୍ଟ ମନେହୁଏ। ତଥାପି, ଇରାନ ଭିତରେ ଥିବା ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ନେଇ ସନ୍ଦେହ ଜାରି ରହିଛି। ଖାମେନେଇ ଦୀର୍ଘ ଚାରି ଦଶନ୍ଧି ଧରି ଯେଉଁ କଠୋର ଇସ୍ ?ଲାମୀୟ ଶାସନ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିଛନ୍ତି, ସେଥିରେ ରାତାରାତି କୌଣସି ପରିବର୍ତ୍ତନ ଆସିବା ଅସମ୍ଭବ ମନେହୁଏ। ବିଶେଷ କରି ପାଶ୍ଚାତ୍ୟ ଶୈଳୀର ଗଣତନ୍ତ୍ର ସେଠାରେ ଏତେ ଶୀଘ୍ର ଆବିର୍ଭାବ ହେବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଇରାନର ଶାସନ କଳ ଏବଂ ଏହାର ମୂଳଦୁଆ ଏତେ ଗଭୀର ଯେ ଶୀର୍ଷ ନେତୃତ୍ୱର ଅନୁପସ୍ଥିତି ସତ୍ତ୍ୱେ ବ୍ୟବସ୍ଥାଟି ସହଜରେ ପରିବର୍ତ୍ତନ ହେବାର ଦେଖାଯାଉ ନାହିଁ।

# ବିଶ୍ୱସ୍ତରୀୟ ସଂକ୍ରମଣ ଓ ବିକାଶର ବ୍ୟାଧି

ଓଡ଼ିଶାର ଜନମାନସରେ ଏବେ ଏକ ନୂଆ ପ୍ରକାରର ଭୂତାଣୁ କାୟା ବିସ୍ତାର କରିବାରେ ଲାଗିଛି। ଏହି ଭୂତାଣୁ କୋଭିଡ୍-୧୯ ଠାରୁ ମଧ୍ୟ ଅଧିକ ସଂକ୍ରାମକ ଏବଂ ଏହାର ପ୍ରଭାବ ସମାଜର ପ୍ରତିଟି ସରକାରୀ ଘୋଷଣାନାମାରେ ସ୍ପଷ୍ଟ ବାରି ହୋଇପଡୁଛି। ବିଜ୍ଞାନ ଭାଷାରେ ଏହାକୁ ମହାମାରୀ କୁହାଯାଇ ନପାରେ, କିନ୍ତୁ ବାସ୍ତବରେ ଏହା ଏକ 'ବିଶ୍ୱସ୍ତରୀୟ' ମାନସିକ ବ୍ୟାଧି ଭାବେ ଉଭା ହୋଇଛି।

ଏହି ସଂକ୍ରମଣର ମୁଖ୍ୟ ଲକ୍ଷଣ ହେଉଛି- ଯେକୌଣସି ସରକାରୀ ପ୍ରକଳ୍ପ, ତାହା ଯେତେ କ୍ଷୁଦ୍ର ବା ସାଧାରଣ ହେଉନା କାହିଁକି, ତା' ଆଗରେ 'ବିଶ୍ୱସ୍ତରୀୟ' ଶବ୍ଦଟିକୁ ଯୋଡ଼ିଦେବାର ଅଦମନୀୟ ପ୍ରବୃତ୍ତି। ଆମର ବ୍ୟବସ୍ଥା ଭିତରେ ଏହି ଶବ୍ଦଟି ଏପରି ଭାବେ ବ୍ୟାପିଯାଇଛି ଯେ, ବୋଧହୁଏ ସାଧାରଣ ଶବ୍ଦଗୁଡ଼ିକ ଏବେ ନିଜର ଅସ୍ତିତ୍ୱ ହରାଇ ବସିଛନ୍ତି। ଆଜି ଓଡ଼ିଶାରେ ସବୁକିଛି ଚକାଚକ୍। ବସ୍ ?ଷ୍ଟାଣ୍ଡଟିଏ ହେଲେ ତାହା 'ବିଶ୍ୱସ୍ତରୀୟ', ରେଳଷ୍ଟେସନ ହେଲେ 'ବିଶ୍ୱସ୍ତରୀୟ', ଏପରିକି ଗାଁ ଗହଳିର ସ୍କୁଲଗୁଡ଼ିକ ମଧ୍ୟ ଆଖିପିଛୁଳାକେ 'ବିଶ୍ୱସ୍ତରୀୟ' ପାଲଟି ଯାଉଛନ୍ତି। ବିକାଶର ଏହି ନୂଆ ମଡେଲ୍‌ରେ ଫ୍ଲାଇଓଭର ତ ନିଶ୍ଚିତ ଭାବେ 'ବିଶ୍ୱସ୍ତରୀୟ' ହେବା ଅନିବାର୍ଯ୍ୟ। କିନ୍ତୁ ବିସ୍ମୟର କଥା ହେଉଛି, ଯେତେବେଳେ ଏକ ସାଧାରଣ ସର୍ବସାଧାରଣ ଶୌଚାଳୟ ଉନ୍ମୋଚିତ ହୁଏ, ସେଠାରେ ମଧ୍ୟ ବଡ଼ ଅକ୍ଷରରେ ଲେଖାଯାଉଛି— 'ବିଶ୍ୱସ୍ତରୀୟ ଶୌଚାଳୟ'! ଏହି ପ୍ରବୃତ୍ତି ପଛରେ ଥିବା ପ୍ରକୃତ ସତ୍ୟକୁ ବୁଝିବାକୁ ହେଲେ ଆମକୁ ଶବ୍ଦର ମାୟାଜାଲରୁ ବାହାରି ବାସ୍ତବତାକୁ ଦେଖିବାକୁ ହେବ। କେବଳ ରଙ୍ଗ-ପ୍ୟାଣ୍ଟ୍ କରିଦେଲେ ବା କାଚ ଲଗାଇଦେଲେ କୌଣସି ଜିନିଷ ବିଶ୍ୱସ୍ତରୀୟ ହୋଇଯାଏ ନାହିଁ। ବିଶ୍ୱସ୍ତରୀୟ ମାନଦଣ୍ଡର ଅର୍ଥ ହେଉଛି ଉନ୍ନତ ସେବା, ସ୍ୱଚ୍ଛତା ଏବଂ ଦୀର୍ଘସ୍ଥାୟୀ ସୁଫଳ। ଯଦି 'ବିଶ୍ୱସ୍ତରୀୟ' ଫ୍ଲାଇଓଭରରେ ପ୍ରଥମ ବର୍ଷାରେ ପାଣି ଜମେ କିମ୍ବା ଶୌଚାଳୟରେ ପାଣିର ସୁବିଧା ନଥାଏ, ତେବେ ଏହି ଶବ୍ଦଟି କେବଳ ଏକ ରାଜନୈତିକ ଜୁମଲା ବା ପ୍ରହସନ ସଦୃଶ ମନେହୁଏ।

ଆଶା କରାଯାଏ, ଆଗାମୀ ଦିନରେ ପ୍ରଶାସନ ଶବ୍ଦର ପ୍ରସାର ଅପେକ୍ଷା କାର୍ଯ୍ୟର ଗୁଣବତ୍ତା ଉପରେ ଅଧିକ ଗୁରୁତ୍ୱ ଦେବ। ନଚେତ୍ ଏହି 'ବିଶ୍ୱସ୍ତରୀୟ' ମହାମାରୀ ଆମର ବାସ୍ତବ ଅସୁବିଧାଗୁଡ଼ିକୁ ଚକଚକିଆ ରଙ୍ଗ ତଳେ ଚାପି ଦେବାରେ ସଫଳ ହେବ। ଓଡ଼ିଶାର ବିକାଶ ମଡେଲରେ ଏବେ ଏକ ଅଦ୍ଭୁତ 'ଯାଦୁକରୀ ଫର୍ମୁଲା' କାମ କରୁଛି। ଯେକୌଣସି ପୁରୁଣା କୋଠାକୁ ଧରନ୍ତୁ, ସେଥିରେ ଟିକେ ନୂଆ ରଙ୍ଗ ମାରନ୍ତୁ, ଦୁଇଟି ସିସିଟିଭି କ୍ୟାମେରା ଲଗାନ୍ତୁ ଏବଂ ଏକ ବିରାଟ ହୋର୍ଡିଂରେ ଲେଖିଦିଅନ୍ତୁ- 'ବିଶ୍ୱମାନର ସୁବିଧା ଉପଲବ୍ଧ'। ବାସ୍, ଏତିକିରେ ଗୋଟିଏ ସାଧାରଣ ପ୍ରକଳ୍ପ ରାତିରାତି 'ବିଶ୍ୱସ୍ତରୀୟ' ପାଲଟିଯାଏ। କିନ୍ତୁ ପ୍ରଶ୍ନ ଉଠେ, ଏହି ବିଶ୍ୱର ସ୍ତରଟି ପ୍ରକୃତରେ କେଉଁଠି? ପ୍ୟାରିସ୍, ଟୋକିଓ ନା ସିଙ୍ଗାପୁର? ବୋଧହୁଏ ଏହାର ଉତ୍ତର କାହା ପାଖରେ ନାହିଁ। ଏହି 'ବିଶ୍ୱସ୍ତରୀୟ' ଅତିରଞ୍ଜନର ଜନ୍ମଦାତା ଭାବେ ବିଜେଡି ସରକାର ଓଡ଼ିଶାରେ ଏକ ନୂଆ ପରମ୍ପରା ଆରମ୍ଭ କରିଥିଲେ। କେନ୍ଦ୍ର ସରକାର ଯେତେବେଳେ 'ବିଶ୍ୱଗୁରୁ' ଓ ଶୀର୍ଷ ଅର୍ଥନୀତିର ସ୍ୱପ୍ନ ଦେଖୁଛନ୍ତି, ଓଡ଼ିଶା ସରକାର ସେତେବେଳେ ପ୍ରତ୍ୟେକ ବସ୍ ?ଷ୍ଟାଣ୍ଡ ଓ ଶୌଚାଳୟକୁ 'ବିଶ୍ୱସ୍ତରୀୟ' କରିବାର ପ୍ରତିଯୋଗିତାରେ ମାତିଛନ୍ତି। ଏହା ଠିକ୍ ଏକ ବଲିଉଡ୍ ମସଲା ଫିଲ୍ମ ଭଳି- ପ୍ରଥମେ ବିରାଟ ହାଇପ୍, ତା' ପରେ ଜମାଣିଆ ପ୍ରିମିଅର ବା ଉଦ୍‌ଘାଟନ, ଆଉ କିଛି ଦିନ ପରେ ସବୁକିଛି ସାମୂହିକ ବିସ୍ମୃତିର ଗର୍ଭକୁ। ଏହି ପ୍ରକଳ୍ପଗୁଡ଼ିକର ଅସଲ ସମସ୍ୟା ହେଉଛି 'ରକ୍ଷଣାବେକ୍ଷଣ'ର ଅଭାବ। ଉଦ୍‌ଘାଟନ ସମୟରେ ଫଟୋ ସେସନ ଯେତିକି ଜାକଜମକରେ ହୁଏ, କାମ ସରିବା ପରେ ସେହି ସ୍ଥାନର ଯତ୍ନ ନେବା ପାଇଁ ସେତିକି ଆଗ୍ରହ ଦେଖାଯାଏ ନାହିଁ। ଫଳସ୍ୱରୂପ, ଛଅ ମାସ ପରେ ସେହି ଚକଚକିଆ ଟାଇଲ ଉପରେ ଧୂଳିର ଆସ୍ତରଣ ଜମେ, ସିସିଟିଭି କ୍ୟାମେରା ଅଚଳ ହୋଇପଡ଼େ ଏବଂ 'ବିଶ୍ୱସ୍ତରୀୟ ଶୌଚାଳୟ'ରେ ତାଲା ଝୁଲେ। ଏହା ଏକ ନିରନ୍ତର ଚକ୍ର। ଗତକାଲିର 'ବିଶ୍ୱସ୍ତରୀୟ ବସ୍ ?ଷ୍ଟାଣ୍ଡ'ର ଖବର ଆଜିର 'ବିଶ୍ୱସ୍ତରୀୟ ଷ୍ଟାଡିଅମ' ଆଗରେ ଫିକା ପଡ଼ିଯାଏ। ପୁଣି ଯେତେବେଳେ 'ବିଶ୍ୱସ୍ତରୀୟ ମେଟ୍ରୋ'ର କଥା ଉଠେ, ଷ୍ଟାଡିଅମ କଥା ଲୋକେ ଭୁଲିଯାନ୍ତି। ପ୍ରକୃତରେ ବିକାଶ କେବଳ ଫଟୋ ଏବଂ ଭାଷଣରେ ସୀମିତ ରହିଯାଇଛି କି? ଯଦି ଆମେ ସତରେ ବିଶ୍ୱସ୍ତରୀୟ ହେବାକୁ ଚାହୁଁ, ତେବେ ଆମକୁ ହୋର୍ଡିଂର ଚମକ ଛାଡ଼ି ସେବାର ଗୁଣବତ୍ତା ଏବଂ ସ୍ଥାୟୀତ୍ୱ ଉପରେ ଧ୍ୟାନ ଦେବାକୁ ହେବ। କେବଳ ନୂଆ ରଙ୍ଗ ଲଗାଇଦେଲେ ପୁରୁଣା ବ୍ୟବସ୍ଥା ବଦଳିଯାଏ ନାହିଁ। ଜନସାଧାରଣଙ୍କ ଟିକସ ଟଙ୍କାରେ ତିଆରି ଏହି ପ୍ରକଳ୍ପଗୁଡ଼ିକ ଯଦି ବର୍ଷକ ଭିତରେ ପରିତ୍ୟକ୍ତ ହୋଇଯାଏ, ତେବେ ଏହାକୁ ବିକାଶ ନୁହେଁ, ବରଂ 'ବିଶ୍ୱସ୍ତରୀୟ ପ୍ରତାରଣା' କହିବା ଅଧିକ ଯୁକ୍ତିଯୁକ୍ତ ହେବ।

ଓଡ଼ିଶାର ବିକାଶକୁ ନେଇ ସରକାରୀ ସ୍ତରରେ ଯେତେ ବଡ଼ ବଡ଼ ଦାବି କରାଗଲେ ମଧ୍ୟ, ଗୋଟିଏ ପ୍ରଶ୍ନ ସବୁବେଳେ ଅସମାହିତ ରହିଯାଏ- ବିଶ୍ୱ ଓଡ଼ିଶାକୁ ଚିହ୍ନେ କେମିତି? କୌଣସି ଚକଚକିଆ ବସ୍‌ଷ୍ଟାଣ୍ଡ କିମ୍ବା କାଚଲଗା ଡାକ୍ତରଖାନା ପାଇଁ ଓଡ଼ିଶା ବିଶ୍ୱସ୍ତରୀୟ ଖବର ପାଲଟେ ନାହିଁ। ବରଂ ବିଶ୍ୱ ଓଡ଼ିଶାକୁ ଚିହ୍ନେ 'ଦାନ ମାଝୀ'ଙ୍କ ମାଧ୍ୟମରେ। ଯେତେବେଳେ ଜଣେ ଅସହାୟ ସ୍ୱାମୀ ନିଜ ପତ୍ନୀର ଶବକୁ କାନ୍ଧରେ ବୋହି ମାଇଲ ମାଇଲ ପଥ ଚାଲେ, ସେତେବେଳେ ସରକାରଙ୍କ ସମସ୍ତ 'ବିଶ୍ୱସ୍ତରୀୟ ଆମ୍ବୁଲାନ୍ସ' ସେବା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରେ।

ଓଡ଼ିଶାର ପରିଚୟ ସେହି ଦାଦନ ଶ୍ରମିକମାନଙ୍କ ଦୁଃଖରେ ଲୁଚି ରହିଛି, ଯେଉଁମାନେ ପେଟ ପାଇଁ ପର ରାଇଜକୁ ଯାଇ ଶେଷରେ କାଠ ବାକ୍ସରେ ଶବ ହୋଇ ଫେରିଆସନ୍ତି। ବିଶ୍ୱସ୍ତରୀୟ ହେବାର ଡିଣ୍ଡିମ ପିଟୁଥିବା ରାଜ୍ୟରେ ଯଦି ନିଜ ଜନ୍ମମାଟିରେ ରୋଜଗାର ଟିକେ ମିଳୁନାହିଁ, ତେବେ ସେହି 'ବିଶ୍ୱସ୍ତରୀୟ' ଶବ୍ଦର ମୂଲ୍ୟ କ'ଣ?

ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ଯେ, ରାଜ୍ୟରେ ଏକବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱମାନର କୁହାଯାଉଥିବା ବେଳେ, କେନ୍ଦ୍ରାପଡ଼ାର କୌଣସି ଏକ ଗାଁରେ ଜଣେ ଅନୁସୂଚିତ ଜାତିର ମହିଳା ରୋଷେଇ କରୁଛନ୍ତି ବୋଲି ପିଲାମାନଙ୍କୁ ମିଡ୍-ଡେ ମିଲ୍ ଖାଇବାକୁ ବାରଣ କରାଯାଏ। ଜାତିବାଦର ଏହି ବିଦ୍ୱେଷ ଯେତେବେଳେ ବିଶ୍ୱ ଦରବାରରେ ପହଞ୍ଚେ, ସେତେବେଳେ ଆମର ସମସ୍ତ 'ବିଶ୍ୱସ୍ତରୀୟ' ହୋର୍ଡିଂ ଲଜ୍ଜାରେ ନଇଁଯାଏ।

ଅସଲ କଥା ହେଉଛି, ବିକାଶ କେବଳ କାନ୍ଥର ରଙ୍ଗରେ ନାହିଁ, ବରଂ ମଣିଷର ମୌଳିକ ସୁବିଧା ଏବଂ ସାମାଜିକ ସଂସ୍କାରରେ ଅଛି। ଯେଉଁଦିନ ଓଡ଼ିଶାର କୌଣସି ଦାନ ମାଝୀକୁ ଶବ କାନ୍ଧେଇବାକୁ ପଡ଼ିବ ନାହିଁ କିମ୍ବା କୌଣସି ଶ୍ରମିକ କାଠ ବାକ୍ସରେ ଫେରିବ ନାହିଁ, ସେଦିନ ଓଡ଼ିଶା ପ୍ରକୃତରେ ବିଶ୍ୱସ୍ତରୀୟ ହେବ। ସେପର୍ଯ୍ୟନ୍ତ ଏହି ଶବ୍ଦଟି କେବଳ ଏକ ରାଜନୈତିକ ବିଜ୍ଞାପନ ଛଡ଼ା ଆଉ କିଛି ନୁହେଁ।

ଓଡ଼ିଶାର ପ୍ରତିଟି ସରକାରୀ ପ୍ରକଳ୍ପ ଆଗରେ 'ବିଶ୍ୱସ୍ତରୀୟ' ଶବ୍ଦଟିକୁ ଯୋଡ଼ିଦେବାର ଏକ ଅଦମନୀୟ ପ୍ରବୃତ୍ତି ଦେଖାଦେଇଛି। କିନ୍ତୁ ପ୍ରକୃତରେ ବିଶ୍ୱସ୍ତରୀୟର ଅର୍ଥ କ'ଣ? କେବଳ ଚକଚକିଆ କାଚଲଗା ଇମାରତ ବା ରଙ୍ଗବେରଙ୍ଗର ଫ୍ଲାଇଓଭର କ'ଣ ବିଶ୍ୱମାନର ପରିଚୟ? ବାସ୍ତବରେ, ବିଶ୍ୱସ୍ତରୀୟର ମାନେ ହେଉଛି ସେହି ବ୍ୟବସ୍ଥା, ଯେଉଁଠି ଦାନ ମାଝୀଙ୍କ ଭଳି ଜଣେ ଅସହାୟ ସ୍ୱାମୀକୁ ନିଜ ପତ୍ନୀର ଶବ କାନ୍ଧେଇବାକୁ ପଡ଼େ ନାହିଁ। ଯେଉଁଠି ଆମ୍ବୁଲାନ୍ସ ଘୋଷଣାରେ ନୁହେଁ, ବରଂ ଠିକଣା ସମୟରେ ରୋଗୀ ପାଖରେ ପହଞ୍ଚେ। ବିଶ୍ୱ ଓଡ଼ିଶାକୁ ଚିହ୍ନେ ଦାନ ମାଝୀଙ୍କ ଅସହାୟତାରେ କିମ୍ବା କାଠ ବାକ୍ସରେ ଶବ ହୋଇ ଫେରୁଥିବା ଦାଦନ ଶ୍ରମିକଙ୍କ ଦୁଃଖରେ। ଯେତେବେଳେ କେନ୍ଦ୍ରାପଡ଼ାର କୌଣସି ଗାଁରେ ଜାତିଗତ ଭେଦଭାବ ଯୋଗୁଁ ଶିଶୁମାନେ ମିଡ୍-ଡେ ମିଲ୍‌ରୁ ବଞ୍ଚିତ ହୁଅନ୍ତି, ସେତେବେଳେ ଆମର ସମସ୍ତ 'ବିଶ୍ୱସ୍ତରୀୟ' ଦାବି ଫିକା ପଡ଼ିଯାଏ। ଦୁର୍ଭାଗ୍ୟର କଥା, ଏହି ମୌଳିକ ସମସ୍ୟାଗୁଡ଼ିକ ଅପେକ୍ଷା ବସ୍‌ଷ୍ଟାଣ୍ଡ ଓ ଷ୍ଟାଡିଅମ ବନାଇବା ଅଧିକ 'ଚଟପଟିଆ'।

ପ୍ୟାରିସ୍ କିମ୍ବା ଟୋକିଓ ଗୋଟିଏ ଦିନରେ ବିଶ୍ୱମାନର ହୋଇନାହାନ୍ତି। ସେମାନଙ୍କ ସଫଳତା ପଛରେ ରହିଛି ସ୍ୱଚ୍ଛତା, ସତ୍ୟତା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ- 'ରକ୍ଷଣାବେକ୍ଷଣ'। ଆମେ ଦଶଟି ନୂଆ ପ୍ରକଳ୍ପ ଆରମ୍ଭ କରୁ, କିନ୍ତୁ ପୁରୁଣା ପ୍ରକଳ୍ପଗୁଡ଼ିକର ଯତ୍ନ ନେବାକୁ ଭୁଲିଯାଉ। ଫଳସ୍ୱରୂପ, ଛଅ ମାସ ପୂର୍ବର 'ବିଶ୍ୱସ୍ତରୀୟ' ସ୍ଥାନଟି ଆଜି ଅଳିଆ ଆବର୍ଜନା ଓ ଧୂଳିଧୂସରିତ ଭୂତକୋଠିରେ ପରିଣତ ହୋଇଛି। ତେଣୁ, ପରବର୍ତ୍ତୀ 'ବିଶ୍ୱସ୍ତରୀୟ' ପ୍ରକଳ୍ପ ଘୋଷଣା କରିବା ପୂର୍ବରୁ ସରକାର ଓ ପ୍ରଶାସନ ଗତ ପାଳିର ସଫଳତାକୁ ଥରେ ପରଖି ଦେଖନ୍ତୁ। କେବଳ ଶବ୍ଦର ମାୟାଜାଲରେ ଜନସାଧାରଣଙ୍କୁ ଭ୍ରମିତ ନକରି, ବାସ୍ତବ କାର୍ଯ୍ୟରେ ବିଶ୍ୱସ୍ତରୀୟ ମାନଦଣ୍ଡ ପ୍ରତିଷ୍ଠା କରନ୍ତୁ। ବିକାଶର ମାନେ ରଙ୍ଗ ନୁହେଁ, ମଣିଷର ସମ୍ମାନଜନକ ଜୀବନଶୈଳୀ ହେବା ଉଚିତ।

# ଯୁଦ୍ଧ ବନ୍ଦ କରିବାକୁ ମୋଦୀଙ୍କ ପରାମର୍ଶ



ନୂଆଦିଲ୍ଲୀ: ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗି ରହିଥିବା ସାମରିକ ସଂଘର୍ଷ ସମଗ୍ର ମାନବ ସମାଜ ପାଇଁ ବିପଦ ସୃଷ୍ଟି କରିଥିବା ବେଳେ ଭାରତ ପୁଣିଥରେ ଶାନ୍ତିର ବାର୍ତ୍ତା ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକ୍ସଜାଣ୍ଡାର ଷ୍ଟବ୍‌ଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇ ମଧ୍ୟପ୍ରାଚ୍ୟ ଏବଂ ୟୁକ୍ରେନରେ ଜାରି ରହିଥିବା ଯୁଦ୍ଧର ତୁରନ୍ତ ସମାପ୍ତି ପାଇଁ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, କୌଣସି ବି ସମସ୍ୟାର ସମାଧାନ ରଣକ୍ଷେତ୍ରରେ ନୁହେଁ ବରଂ କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ହିଁ ସମ୍ଭବ। ଫିନଲାଣ୍ଡ ରାଷ୍ଟ୍ରପତିଙ୍କ ଏହି ଚାରି ଦିନିଆ ଭାରତ ଗସ୍ତ ଦୁଇ ଦେଶର ସମ୍ପର୍କକୁ ଏକ ନୂତନ ଉଚ୍ଚତାକୁ ନେଇଛି। ଦିଲ୍ଲୀର ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଏହି ବୈଠକରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସ୍ୱଚ୍ଛ ଶକ୍ତି, ଡିଜିଟାଲାଇଜେସନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବ୍ୟାପକ ସମ୍ମତି ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଏବଂ ଫିନଲାଣ୍ଡ ଉଭୟ ଗଣତନ୍ତ୍ର, ଆଇନର ଶାସନ ଏବଂ ଅନ୍ତର୍ଜାତୀୟ ଶାନ୍ତି ଉପରେ ଗଭୀର ବିଶ୍ୱାସ ରଖନ୍ତି। ଦୁଇ ଦେଶ ମଧ୍ୟରେ ରହିଥିବା ସମ୍ପର୍କ ଏବେ ଏକ ସାଧାରଣ ସହଭାଗୀତାରୁ ରୂପାନ୍ତରିତ ହୋଇ ରଣନୈତିକ ସ୍ତରରେ ପହଞ୍ଚିଛି।

ଫିନଲାଣ୍ଡ ରାଷ୍ଟ୍ରପତି ଆଲେକ୍ସଜାଣ୍ଡାର ଷ୍ଟବ୍ ଭାରତର ବୈଦେଶିକ ନୀତି ଏବଂ ଦ୍ରୁତ ଆର୍ଥିକ ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ୨୦୧୩ରେ ସେ ଯେତେବେଳେ ଭାରତ ଆସିଥିଲେ ଏବଂ ଆଜିର ଭାରତ ମଧ୍ୟରେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି। ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଗଣତନ୍ତ୍ର ଏବଂ ୟୁରୋପ ପାଇଁ ଏକ ଅପରିହାର୍ଯ୍ୟ ଅଂଶୀଦାର। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ସମସ୍ୟାଗୁଡିକର ସମାଧାନ ପାଇଁ ବର୍ତ୍ତମାନ ସମଗ୍ର ବିଶ୍ୱକୁ ଆହୁରି ଅଧିକ 'ଭାରତୀୟ' ହେବାକୁ ପଡ଼ିବ, ଯାହାର ଅର୍ଥ ହେଉଛି ସହିଷ୍ଣୁତା ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ନୀତି। ଅନ୍ୟପଟେ, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ସମଗ୍ର ବିଶ୍ୱକୁ ଚିନ୍ତାରେ ପକାଇଛି। ଆମେରିକା ଓ ଇସ୍ରାଏଲର ମିଳିତ କାର୍ଯ୍ୟାନୁଷ୍ଠାନର ଜବାବରେ ଇରାନ ପକ୍ଷରୁ ପ୍ରତିଆକ୍ରମଣ ଜାରି ରହିଛି। ସଦ୍ୟତମ ସୂଚନା ଅନୁଯାୟୀ, ଇରାନ ମଧ୍ୟପ୍ରାଚ୍ୟର ପ୍ରାୟ ୯ଟି ଦେଶରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ନିଶାଣ କରିଛି। ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ଏବଂ ଅର୍ଥନୈତିକ ଅସ୍ଥିରତା ଦେଖାଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଶାନ୍ତି ବାର୍ତ୍ତାକୁ ବିଶ୍ୱ ସ୍ତରରେ ବେଶ୍ ଗୁରୁତ୍ୱର ସହ ଗ୍ରହଣ କରାଯାଉଛି।

# ଇରାନ-ଇସ୍ରାଏଲ ଯୁଦ୍ଧ: ଆଜରବୈଜାନ ସୀମାରେ ଉତ୍ତେଜନା

ତେହେରାନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷ ଏବେ ଏକ ଜଟିଳ ମୋଡ଼ରେ ପହଞ୍ଚିଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ଭାରତ ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବେ ଶୋକ ବ୍ୟକ୍ତ କରାଯାଇଛି। ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ ଗସ୍ତ କରି ଶୋକ ପୁସ୍ତକରେ ସ୍ୱାକ୍ଷର କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିବା ନେଇ ଇରାନ ସରକାର ସ୍ୱୀକାର କରିଥିଲେ। ଇରାନ ଏବଂ ଏହାର ପଡ଼ୋଶୀ ଦେଶ ଆଜରବୈଜାନ ମଧ୍ୟରେ ଡ୍ରୋନ୍ ଆକ୍ରମଣକୁ ନେଇ ବିବାଦ ତୀବ୍ର ହୋଇଛି। ଆଜରବୈଜାନର ନାଖଚିଭାନ୍ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଏକ ସ୍କୁଲ ନିକଟରେ ଇରାନ ପକ୍ଷରୁ ଡ୍ରୋନ୍ ମାଡ଼ କରାଯାଇଥିବା ନେଇ ରାଷ୍ଟ୍ରପତି ଇଲହାମ୍ ଅଲିୟେଭ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣକୁ ସେ 'କାପୁରୁଷୋଚିତ' ବୋଲି କହିବା ସହ ଇରାନ ତୁରନ୍ତ କ୍ଷମା ମାଗିବା ଉଚିତ ବୋଲି ଦାବି କରିଛନ୍ତି। ତେବେ ତେହେରାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି କହିଛନ୍ତି ଯେ, ଏହି ଆକ୍ରମଣ ପଛରେ ଇସ୍ରାଏଲର ହାତ ଥାଇପାରେ, ଯିଏକି ଇରାନ ଏବଂ ଏହାର ପଡ଼ୋଶୀଙ୍କ ସମ୍ପର୍କ ଖରାପ କରିବାକୁ ଚାହୁଁଛି।

ମିଳିଥିବା ରିପୋର୍ଟ ଅନୁଯାୟୀ, ଇରାନ ଏପର୍ଯ୍ୟନ୍ତ ୧୮୯ଟି ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିସାରିଛି। ଇସ୍ରାଏଲ ଗୁପ୍ତଚର ସଂସ୍ଥା ଏବଂ ଆମେରିକାର ସିଆଇଏ (ଉଓଇ) ର ମିଳିତ ସହଯୋଗରେ ଇସ୍ରାଏଲ ଟ୍ରାଫିକ୍ କ୍ୟାମେରା ହ୍ୟାକ୍ କରି ଖାମେନେଇଙ୍କ ଗୁପ୍ତ ଠିକଣା ପାଇବାରେ ସଫଳ ହୋଇଥିଲା, ଯାହା ପରେ ଏହି ସର୍ଜିକାଲ୍ ଅପରେସନ୍ କରାଯାଇଥିଲା। ବିଗତ ୬ ଦିନ ମଧ୍ୟରେ ଇରାନ ତା'ର ସର୍ବୋଚ୍ଚ ନେତାଙ୍କ ସମେତ ପ୍ରାୟ ୩୦୦୦ ସୈନିକ ଓ କିଛି ମନ୍ତ୍ରୀଙ୍କୁ ହରାଇଛି। ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୧୦୪୫ ଜଣ ସାଧାରଣ ନାଗରିକଙ୍କ ପ୍ରାଣହାନି ଘଟିଥିବା ବେଳେ ସମଗ୍ର ଇରାନରେ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଇରାନରେ ହେବାକୁ ଥିବା ୩ ଦିନିଆ ଶୋକ ସଭାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଏହି ସମୟରେ ଇରାନ ପକ୍ଷରୁ ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିବାକୁ ଧମକ ଦିଆଯାଇଛି, ଯାହା ବିଶ୍ୱ ସମୁଦାୟ ପାଇଁ ଚିନ୍ତାର ବିଷୟ ପାଲଟିଛି। ଅନ୍ୟପଟେ ଆମେରିକା ନିଜର ୧୭,୫୦୦ ନାଗରିକଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛି।

# ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ: ଅନୁଜ ଅଗ୍ନିହୋତ୍ରୀ ଶୀର୍ଷରେ, ଓଡ଼ିଶାରୁ ୬ କୃତୀ ସନ୍ତାନ

ନୂଆଦିଲ୍ଲୀ: କେନ୍ଦ୍ରୀୟ ଲୋକସେବା ଆୟୋଗ ପକ୍ଷରୁ ସିଭିଲ ସର୍ଭିସ ପରୀକ୍ଷା-୨୦୨୫ର ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇଛି। ଏଥିରେ ରାଜସ୍ଥାନ ଚିତ୍ତୋରଗଡ଼ର ଅନୁଜ ଅଗ୍ନିହୋତ୍ରୀ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୩ ଜଣ ଛାତ୍ରୀ ସ୍ଥାନ ପାଇଛନ୍ତି। ଆୟୋଗ ପକ୍ଷରୁ ବିଭିନ୍ନ କେନ୍ଦ୍ରୀୟ ସେବା ପାଇଁ ମୋଟ ୯୫୮ ଜଣ ପ୍ରାର୍ଥୀଙ୍କୁ ମନୋନୀତ କରାଯାଇଛି। ସେଥିମଧ୍ୟରୁ ପ୍ରଶାସନିକ ସେବା ପାଇଁ ୧୮୦, ପୋଲିସ ସେବା ପାଇଁ ୧୫୦ ଏବଂ ବୈଦେଶିକ ସେବା ପାଇଁ ୫୫ ଜଣଙ୍କୁ ଚୟନ କରାଯାଇଛି। ଏହି ସଫଳତାରେ ଓଡ଼ିଶାର ପ୍ରାର୍ଥୀମାନେ ମଧ୍ୟ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି। ଓଡ଼ିଶାରୁ ମୋଟ ୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସାତ୍ତ୍ୱିକ ସତ୍ୟକାମ ଦେବତା ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନରେ ଥିବା ବେଳେ ଅମ୍ରିତ ମହାପାତ୍ର ୧୨୧ତମ ସ୍ଥାନରେ ରହିଛନ୍ତି। ସେହିପରି ତନିଶା ମିଶ୍ର (୨୧୧), ଶୁଭମ ମିଶ୍ର (୪୨୩), ଅନିମେଷ ମିଶ୍ର (୪୨୮) ଏବଂ ଅନୀଲ ମିଶ୍ର (୪୪୫) ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ମେଧା ତାଲିକାରେ ଦ୍ୱିତୀୟ ସ୍ଥାନରେ ତାମିଲନାଡୁର ରାଜେଶ୍ୱରୀ ସୁଭେ ଏମ୍ ଏବଂ ତୃତୀୟ ସ୍ଥାନରେ ଚଣ୍ଡିଗଡ଼ର ଏକାଂଶ ଧୂଲ ରହିଛନ୍ତି। ୨୦୨୫ ମେ' ମାସରୁ ଆରମ୍ଭ ହୋଇଥିବା ଏହି ଦୀର୍ଘ ଚୟନ ପ୍ରକ୍ରିୟା ଗତ ଫେବୃଆରୀ ୨୭ରେ ସାକ୍ଷାତକାର ପରେ ଶେଷ ହୋଇଥିଲା।

# ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ଆକସ୍ମିକ ଇସ୍ତଫା

କୋଲକାତା: ପଶ୍ଚିମବଙ୍ଗ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ୭୮ ବର୍ଷୀୟ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଆକସ୍ମିକ ଭାବେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ମାସରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ବୋଷଙ୍କ ଏହି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ସେ ନିଜର ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇ ସାରିଥିବା ବେଳେ ସମ୍ପ୍ରତି ଦିଲ୍ଲୀରେ ଡେରା ପକାଇଛନ୍ତି। ତେବେ ଇସ୍ତଫା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶ୍ରୀ ବୋଷଙ୍କ ସ୍ଥାନରେ ତାମିଲନାଡୁ ରାଜ୍ୟପାଳ ଆର.ଏନ. ରବିଙ୍କୁ ପଶ୍ଚିମବଙ୍ଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏହି ଘଟଣା ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିସ୍ମୟ ପ୍ରକାଶ କରିବା ସହ କେନ୍ଦ୍ର ସରକାରଙ୍କ ଉପରେ ବରଷିଛନ୍ତି। ମମତାଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟପାଳଙ୍କ ଇସ୍ତଫା କିମ୍ବା ନୂତନ ନିଯୁକ୍ତି ସମ୍ପର୍କରେ କେନ୍ଦ୍ର ସରକାର ତାଙ୍କ ସହ କୌଣସି ପରାମର୍ଶ କରିନାହାନ୍ତି। ଏହା କେନ୍ଦ୍ରର ଏକପାଖିଆ ନିଷ୍ପତ୍ତି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଚାପରେ ବୋଷ ଇସ୍ତଫା ଦେଇଥାଇପାରନ୍ତି ବୋଲି ସେ ଅନୁମାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ନଭେମ୍ବର ୨୦୨୨ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ରାଜ୍ୟପାଳ ବୋଷ ଏବଂ ମୁଖ୍ୟମନ୍ତ୍ରୀ ମମତାଙ୍କ ମଧ୍ୟରେ ଅନେକ ସମୟରେ ତିକ୍ତତା ଦେଖାଦେଇଥିଲା। ବିଶେଷ କରି ୨୦୨୪ରେ ରାଜଭବନର ଜଣେ ମହିଳା କର୍ମଚାରୀ ବୋଷଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ବିବାଦ ତୀବ୍ର ହୋଇଥିଲା।

ସି.ଭି. ଆନନ୍ଦ ବୋଷ ଜଣେ ଅଭିଜ୍ଞ ୧୯୭୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଭାବେ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିଛନ୍ତି। ସେ ଭାରତ ସରକାରଙ୍କ ସଚିବ, ମୁଖ୍ୟ ସଚିବ ଏବଂ ଜାତିସଂଘର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଜଣେ ବିଜ୍ଞ ଲେଖକ ଭାବେ ଇଂରାଜୀ, ହିନ୍ଦୀ ଓ ମାଲାୟାଲମ୍ ଭାଷାରେ ପ୍ରାୟ ୪୦ଟି ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାଙ୍କ ବ୍ୟତୀତ ଲଦାଖର ଉପ-ରାଜ୍ୟପାଳ କବୀନ୍ଦ୍ର ଗୁପ୍ତା ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଥିବା ରିପୋର୍ଟ ମିଳିଛି।

# ଇରାନକୁ ଟ୍ରମ୍ପଙ୍କ ଚେତାବନୀ: ବିନା ସର୍ତ୍ତରେ ଆତ୍ମସମର୍ପଣ ନକଲେ ଶାନ୍ତି ଅସମ୍ଭବ

ତେହେରାନ: ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ସପ୍ତମ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ବିନା ସର୍ତ୍ତରେ ଆତ୍ମସମର୍ପଣ ନକଲେ କୌଣସି ଶାନ୍ତି ବୁଝାମଣା ହେବନାହିଁ। ଇରାନରେ ଏକ ନୂତନ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ସେ ମତ ଦେବା ସହ ମୃତ ସର୍ବୋଚ୍ଚ ନେତାଙ୍କ ପୁତ୍ରକୁ ଉତ୍ତରାଧିକାରୀ ଭାବେ ମାନ୍ୟତା ଦେବାକୁ ମନା କରିଛନ୍ତି। ସାମରିକ କ୍ଷେତ୍ରରେ ଇସ୍ରାଏଲ ବାୟୁସେନା ୫୦ଟି ଯୁଦ୍ଧ ବିମାନ ସାହାଯ୍ୟରେ ତେହେରାନସ୍ଥିତ ସର୍ବୋଚ୍ଚ ନେତାଙ୍କ ଭୂତଳ ବଙ୍କର ଓ ସାମରିକ କେନ୍ଦ୍ରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ପାଲଟା ଜବାବରେ ଇରାନ ମଧ୍ୟ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ ଜାରି ରଖିଛି। ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ପ୍ରାୟ ୨୦୦ ଶିଶୁଙ୍କ ମୃତ୍ୟୁ ଘଟିସାରିଲାଣି। ଅନ୍ୟପଟେ, ବିଶ୍ୱ ବଜାରରେ ତୈଳ ଦର ସ୍ଥିର ରଖିବା ପାଇଁ ଆମେରିକା ରୁଷରୁ ତୈଳ କ୍ରୟ କଟକଣାକୁ ୩୦ ଦିନ ପାଇଁ କୋହଳ କରିଛି, ଯାହା ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି।

# ଭାରତ ପାଇଁ ନିରବଚ୍ଛିନ୍ନ ତୈଳ ପରିବହନ ଆଶା ଉଜ୍ଜୀବିତ

ନୂଆଦିଲ୍ଲୀ: ବିଶ୍ୱ ରାଜନୀତି ଓ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଇରାନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଜାରି କରାଯାଇ କୁହାଯାଇଛି ଯେ, ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ ପ୍ରଣାଳୀ' କେବଳ ଆମେରିକା, ଇସ୍ରାଏଲ, ୟୁରୋପ ଏବଂ ସେମାନଙ୍କର ପଶ୍ଚିମ ସହଯୋଗୀ ଦେଶଗୁଡ଼ିକ ପାଇଁ ବନ୍ଦ ରହିବ। ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ପକ୍ଷରୁ ଏହି ସୂଚନା ଦିଆଯିବା ପରେ ଭାରତୀୟ ଜାହାଜଗୁଡ଼ିକ ପୂର୍ବଭଳି ଏହି ପଥ ଦେଇ ଯାତାୟାତ କରିପାରିବେ ବୋଲି ଆଶା ଉଜ୍ଜୀବିତ ହୋଇଛି।

ପୂର୍ବରୁ ଇରାନ ସୂଚନା ଦେଇଥିଲା ଯେ, ହର୍ମୁଜ ପ୍ରଣାଳୀରେ କେବଳ ଚୀନ୍ ପତାକା ଥିବା ଜାହାଜଗୁଡ଼ିକୁ ପ୍ରବେଶ ଅନୁମତି ମିଳିବ। ଏହି ନିଷ୍ପତ୍ତି ପରେ ଭାରତୀୟ ତୈଳ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଥିଲା। ତେବେ ବନ୍ଧୁ ଦେଶ ରୁଷ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଭାରତୀୟ ଜାହାଜଗୁଡ଼ିକୁ ତୁରନ୍ତ ଅନୁମତି ଦେବା ପାଇଁ ଇରାନକୁ ପରାମର୍ଶ ଓ ଅନୁରୋଧ କରିଥିଲା। ରୁଷର ଏହି ଅନୁରୋଧକୁ ରକ୍ଷା କରି ଇରାନ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ ବିରୋଧରେ ମିଳିତ ସାମରିକ ଅଭିଯାନ ଆରମ୍ଭ ହେବା ପରଠାରୁ ବାସ୍ତବରେ ଏହି ସାମୁଦ୍ରିକ ପଥ ବନ୍ଦ ହୋଇଯାଇଥିଲା। ଏହି କାରଣରୁ ବିଶ୍ୱ ବଜାରରେ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିବା ସହ ବିଶ୍ୱ ଅର୍ଥନୀତିରେ ବ୍ୟାପକ ବାଧା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଥିଲା। ଏବେ ଭାରତ ପାଇଁ ପଥ ପ୍ରଶସ୍ତ ହେବା ଫଳରେ ଦେଶର ଶକ୍ତି ନିରାପତ୍ତା କ୍ଷେତ୍ରରେ ଥିବା ଅନିଶ୍ଚିତତା କିଛି ମାତ୍ରାରେ ଦୂର ହେବ ବୋଲି ଅନୁମାନ କରାଯାଉଛି।



# ତପ୍ତ ବୈଶାଖର ଅକୁହା ଶୁଷ୍କତା

ଆକାଶରୁ ଯେମିତି ନିଆଁ ବର୍ଷୁଥିଲା। ବୈଶାଖର ସେହି ଦ୍ୱିପ୍ରହରରେ ରାସ୍ତାଘାଟ ସବୁ ଶୂନଶାନ। ପଶ୍ଚିମ ଓଡ଼ିଶାର ସେହି ଛୋଟ ସହରଟି ଲୁ'ର ପ୍ରକୋପରେ ଯେମିତି ସ୍ଥାଣୁ ପାଲଟି ଯାଇଥିଲା। ଅଭିଷେକ ନିଜ ପୁରୁଣା ଘରର ବାରଣ୍ଡାରେ ବସି ସାମ୍ନା ପଟେ ଥିବା ଶୁଖିଲା କୃଷ୍ଣଚୂଡ଼ା ଗଛକୁ ଚାହିଁ ରହିଥିଲେ। ଗଛର ପତ୍ର ସବୁ ଝଡ଼ି ଯାଇଥିଲା, କିନ୍ତୁ କାହିଁ କେଉଁଠି ଲାଲ୍ ଟକ୍ ଟକ୍ ଫୁଲ କେଇଟା ଗ୍ରୀଷ୍ମର ଅହଙ୍କାରକୁ ଦେଖାଇ ହେଲା ପରି ହସୁଥିଲେ। ଠିକ୍ ତାଙ୍କ ହୃଦୟ ପରି-ଯିଏ ଭିତରୁ ସମ୍ପୂର୍ଣ୍ଣ ଶୁଷ୍କ ହୋଇଯାଇଥିଲେ ମଧ୍ୟ ସେଥିରେ ପ୍ରେମର କିଛି ସ୍ମୃତି ଏବେ ବି ସତେଜ ଥିଲା।

ବର୍ଷ ବର୍ଷ ତଳର କଥା। ସେତେବେଳେ ବି ଏମିତି ଏକ ଗ୍ରୀଷ୍ମ ଋତୁ ଥିଲା। ସେଦିନ ପ୍ରଥମ କରି ଅଭିଷେକ 'ଶ୍ରେୟା'କୁ ଭେଟିଥିଲେ। ଶ୍ରେୟା—ଯିଏ ଖରାଦିନର ସେହି କାଳବୈଶାଖୀ ପରି ଆସିଥିଲା, ଯାହା କିଛି ସମୟ ପାଇଁ ତାତିରୁ ମୁକ୍ତି ତ ଦେଇଥିଲା କିନ୍ତୁ ସବୁକିଛି ଓଲଟପାଲଟ କରି ଚାଲିଯାଇଥିଲା। ଶ୍ରେୟାର ସେହି ହସ, ଯାହା ମରୁଭୂମିରେ ମୃଗତୃଷ୍ଣା ପରି ପ୍ରଲୋଭିତ କରୁଥିଲା। ସେମାନେ ଘଣ୍ଟା ଘଣ୍ଟା ଧରି ସେହି କୃଷ୍ଣଚୂଡ଼ା ଗଛ ମୂଳେ ବସି ଭବିଷ୍ୟତର ସ୍ୱପ୍ନ ବୁଣୁଥିଲେ। ଖରା ଯେତେ ବଢୁଥିଲା, ସେମାନଙ୍କ ପ୍ରେମର ଗଭୀରତା ମଧ୍ୟ ସେତେ ବଢୁଥିଲା। କିନ୍ତୁ ସମୟ ସବୁବେଳେ ଏକା ପରି ରହେନାହିଁ। ଶ୍ରେୟା ଥିଲା ଜଣେ ବଡ଼ ଘରର ଝିଅ, ଆଉ ଅଭିଷେକ ଜଣେ ସାଧାରଣ ସଂଘର୍ଷଶୀଳ ଯୁବକ। ସେଦିନ ବୈଶାଖର ଶେଷ ସନ୍ଧ୍ୟାରେ ଯେତେବେଳେ ପବନ ପ୍ରବଳ ବେଗରେ ବହୁଥିଲା, ଶ୍ରେୟା ଆସି କହିଥିଲା- 'ଅଭିଷେକ, ମୋ ବାପା ବାଧ୍ୟ କରୁଛନ୍ତି, ଆସନ୍ତା ମାସରେ ମୋର ବିବାହ।' ସେହି ଶବ୍ଦ କେଇଟା ଅଭିଷେକଙ୍କ ପାଇଁ ଗ୍ରୀଷ୍ମର ସବୁଠାରୁ ଭୟଙ୍କର ତାତିଠାରୁ ବି ଅଧିକ କଷ୍ଟଦାୟକ ଥିଲା। କୌଣସି ଯୁକ୍ତି ନଥିଲା, କୌଣସି ପ୍ରତିବାଦ ନଥିଲା। ପ୍ରେମ ଯେତେବେଳେ ପାରିବାରିକ ସମ୍ମାନ ପାଖରେ ହାରିଯାଏ, ସେତେବେଳେ ଯନ୍ତ୍ରଣା ଶବ୍ଦହୀନ ହୋଇଯାଏ।

ବିରହର ବର୍ଷ ଗୁଡ଼ିକ ଖରାଦିନର ସେହି ଶୁଖିଲା ପୋଖରୀ ପରି ଥିଲା, ଯେଉଁଠି ପାଣି ତ ନଥାଏ କିନ୍ତୁ କାଦୁଅର କ୍ଷତ ସବୁ ସଫା ଦେଖାଯାଏ। ଅଭିଷେକ ସହର ଛାଡ଼ିଲେ, ସାମ୍ବାଦିକତା କଲେ, ନିଜକୁ କାମ ଭିତରେ ବୁଡ଼ାଇ ରଖିଲେ। କିନ୍ତୁ ପ୍ରତିବର୍ଷ ଯେତେବେଳେ ଗ୍ରୀଷ୍ମ ଆସେ, ସେତେବେଳେ ତାଙ୍କ ମନର କ୍ଷତ ପୁଣି ଥରେ କଷ୍ଟ ଦିଏ। ବିରହର ଯନ୍ତ୍ରଣା ହେଉଛି ସେହି ଶୋଷ ପରି, ଯାହାକୁ ଯେତେ ପାଣି ପିଇଲେ ବି ମେଣ୍ଟେ ନାହିଁ।

ଆଜି ପୁଣି ଦଶ ବର୍ଷ ପରେ ସେ ସେହି ଗଛ ମୂଳେ ଠିଆ ହୋଇଛନ୍ତି। ଶ୍ରେୟା ଏବେ ଅନ୍ୟ କାହାର ସଂସାରରେ ବ୍ୟସ୍ତ। ସେ ହୁଏତ ଅଭିଷେକଙ୍କୁ ଭୁଲି ଯାଇଥାଇପାରେ, କିନ୍ତୁ ଅଭିଷେକଙ୍କ ପାଇଁ ଶ୍ରେୟା ହେଉଛି ସେହି ଅସରା ବର୍ଷା, ଯାହା ଆଶାରେ ସେ ଆଜି ବି ଏହି ତାତିକୁ ସହୁଛନ୍ତି। ଯନ୍ତ୍ରଣା ତାଙ୍କୁ ଲେଖକ କରିଦେଲା, ଶବ୍ଦ ସହିତ ଖେଳିବା ଶିଖାଇଦେଲା। କିନ୍ତୁ ହୃଦୟର ସେହି ଶୂନ୍ୟତାକୁ କୌଣସି ଶବ୍ଦ ଭରିପାରିଲା ନାହିଁ।

ସେ ନିଜ ଡାଏରୀ ବାହାର କଲେ ଏବଂ ଥରଥର ହାତରେ ଲେଖିଲେ- 'ପ୍ରେମ ଯଦି ବୈଶାଖର ଖରା ହୁଏ, ତେବେ ବିରହ ହେଉଛି ସେହି ଖରାରେ ପୋଡ଼ି ହେଉଥିବା ଜଣେ ପଥିକର ଯନ୍ତ୍ରଣା। ଏହି ଯନ୍ତ୍ରଣାର ଶେଷ ନାହିଁ, କେବଳ ଅପେକ୍ଷା ଅଛି-ଏକ କାଳ୍ପନିକ ବର୍ଷାର, ଯିଏ ଆସିବନି ଜାଣି ମଧ୍ୟ ଆଖି ସେହି ଆକାଶକୁ ଚାହିଁ ରହିଛି।'

ଦୂରରେ କେଉଁଠି କୋଇଲିଟିଏ କାନ୍ଦୁଥିଲା। ଖରାଦିନର ସେହି ଗୀତରେ ସୁର ନଥିଲା, ଥିଲା କେବଳ ଏକ ନିଃସଙ୍ଗତାର ସ୍ୱର। ଅଭିଷେକ ଉଠିଲେ, ନିଜ ଆଖିରୁ ବାହାରୁଥିବା ଗରମ ଲୁହକୁ ପୋଛିଲେ ଏବଂ ପୁଣି ସେହି ତାତି ଭିତରେ ନିଜକୁ ହଜାଇ ଦେଲେ। କାରଣ ସେ ଜାଣିଥିଲେ, କିଛି ପ୍ରେମ କାହାଣୀ ପୂର୍ଣ୍ଣ ହେବା ପାଇଁ ନୁହେଁ, କେବଳ ଯନ୍ତ୍ରଣା ହୋଇ ରହିବା ପାଇଁ ଜନ୍ମ ନେଇଥାଏ।

**ମୋନାଲିସା ମାନସିଂହ**
*ଆଇଏନ୍ଏସ୍ ଚିଲିକା, ଖୋର୍ଦ୍ଧା*



# ମାଆର ହାତ

ମୀରାକୁ ଦଶ ବର୍ଷ ହୋଇଥିଲା। ସେ ଦିନେ ତାର ମାଆ ସୀତାଙ୍କୁ କିଚେନ୍ ରେ ରନ୍ଧାବଢା କରୁଥିବାର ଦେଖିଲା। ସୀତା ମୀରାର ପ୍ରିୟ ଖିରି ତିଆରି କରୁଥିଲେ। ମୀରା ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା ଯେ ମାଆ କେତେ ସହଜରେ ଏବଂ ସୁନ୍ଦର ଭାବରେ ସବୁକିଛି କରୁଛନ୍ତି। ସେ ନିଜ ମାଆକୁ ପଚାରିଲା, "ମାଆ, ତୁମେ ଏତେ ଭଲ ରାନ୍ଧିବା କେଉଁଠୁ ଶିଖିଲ ?"

ସୀତା ହସିଲେ ଏବଂ କହିଲେ, "ମୋ ମାଆ ମୋତେ ଶିଖାଇଥିଲେ। ମୁଁ ଯେତେବେଳେ ତୁମ ବୟସର ଥିଲି, ସେତେବେଳେ ମୁଁ ମୋ ମାଆଙ୍କ ସହିତ କିଚେନ୍ ରେ ରହୁଥିଲି। ମୋ ମାଆ ମୋତେ ରନ୍ଧାବଢା ଶିଖାଇଥିଲେ।"

ମୀରା ମନେ ମନେ ଚିନ୍ତା କଲା, "ଏହାର ଅର୍ଥ ହେଉଛି ମୋର ଆଈ ମୋ ମାଆକୁ ଶିଖାଇଥିଲେ, ଏବଂ ମୋ ମାଆ ମୋତେ ଶିଖାଉଛନ୍ତି।"

ସେହି ଦିନଠାରୁ, ମୀରା ନିଜ ମାଆଙ୍କ ସହିତ କିଚେନ୍‌ରେ ରହି ରନ୍ଧାବଢା ଶିଖିଲା। ସୀତା ତାଙ୍କୁ ସବୁକିଛି ଶିଖାଇଥିଲେ। କେଉଁଠାରେ ମସଲା ପକାଇବେ, କେତେବେଳେ ପନିପରିବା ପକାଇବେ, କିପରି ଖାଦ୍ୟର ସ୍ୱାଦ ବଢ଼ାଇବେ, ଏସବୁ କିଛି ମୀରା ଶିଖିଲା।

ବୟସ ବଢ଼ିବା ସହିତ, ମୀରା ଜଣେ ଭଲ ରୋଷେୟା ହୋଇଗଲା। ଦିନେ, ମୀରା ନିଜ ମାଆଙ୍କ ପାଇଁ ଖିରି ତିଆରି କଲା। ସୀତା ଖିରି ଖାଇବା ପରେ କହିଲେ, "ଏହା ବହୁତ ସ୍ୱାଦିଷ୍ଟ ହୋଇଛି !" ସୀତାଙ୍କ ଆଖିରେ ଲୁହ ଆସିଗଲା।

ମୀରା ନିଜ ମାଆଙ୍କୁ ଜାବୁଡି ଧରିଲା। ସେ ଜାଣିଥିଲା ଯେ, ଏହି ଖିରିର ସ୍ୱାଦ କେବଳ ଖିରିର ସ୍ୱାଦ ନୁହେଁ, ବରଂ ଏହା ତାଙ୍କ ମାଆଙ୍କ ପ୍ରେମର ସ୍ୱାଦ ଥିଲା।

ମୀରା ବିବାହ କରିବା ପରେ ନିଜ ଘରକୁ ଚାଲିଗଲା। ତାର ଏକ ଝିଅ ହେଲା, ଯାହାର ନାମ ସେ ରଖିଲା 'ସୀତା'। ମୀରା ନିଜ ଝିଅକୁ ନିଜ ମାଆଙ୍କ ନାମରେ ନାମିତ କରିଥିଲା ।

ମୀରା ନିଜ ଝିଅକୁ ମଧ୍ୟ ରନ୍ଧାବଢା ଶିଖାଇଲା। ସେ ଜାଣିଥିଲା ଯେ, ଏହି ରନ୍ଧାବଢା ଶିଖାଇବା କେବଳ ଏକ କୌଶଳ ନୁହେଁ, ବରଂ ଏହା ହେଉଛି ପ୍ରେମ ଏବଂ ସମ୍ପର୍କର ଏକ ବନ୍ଧନ, ଯାହା ପିଢ଼ି ପରେ ପିଢ଼ି ଚାଲିଆସିଛି ।

ଦିନେ, ସୀତା (ମୀରାର ଝିଅ) ନିଜ ମାଆଙ୍କ ପାଇଁ ଖିରି ତିଆରି କଲା। ମୀରା ଖିରି ଖାଇବା ପରେ କହିଲେ, "ଏହା ବହୁତ ସ୍ୱାଦିଷ୍ଟ ହୋଇଛି !" ମୀରାର ଆଖିରେ ମଧ୍ୟ ଲୁହ ଆସିଗଲା।

ସୀତା ନିଜ ମାଆଙ୍କୁ ଜାବୁଡି ଧରିଲା। ସେ ଜାଣିଥିଲା ଯେ, ଏହି ଖିରିର ସ୍ୱାଦ କେବଳ ଖିରିର ସ୍ୱାଦ ନୁହେଁ, ବରଂ ଏହା ତାଙ୍କ ମାଆଙ୍କ ପ୍ରେମର ସ୍ୱାଦ ଥିଲା, ଯାହା ତାର ଆଈଠାରୁ ଆରମ୍ଭ ହୋଇ ତାର ମାଆ ପର୍ଯ୍ୟନ୍ତ ଏବଂ ବର୍ତ୍ତମାନ ତାର ପର୍ଯ୍ୟନ୍ତ ଚାଲିଆସିଛି।

**ସରିତା ମୁଦୁଲି**
*ଜଳେଶ୍ୱର, ବାଲେଶ୍ୱର*




# ଶେଷ ଦୀପର ଆଲୋକ

ସେଦିନ ସହରଟି ଉପରେ ଶେଷ ଥର ପାଇଁ ବୋମା ବର୍ଷିଥିଲା। ଧୂଆଁ ଆଉ ନିଆଁର ଚାଦର ତଳେ ପୋତି ହୋଇଯାଇଥିଲା ସବୁ ସ୍ୱପ୍ନ। ଧ୍ୱଂସପ୍ରାପ୍ତ କୋଠାବାଡ଼ି ମଧ୍ୟରେ କେବଳ ଭୟ ଓ ନିରାଶାର ଛାୟା ଖେଳିଯାଇଥିଲା। ରାସ୍ତାରେ ଚାରିଆଡ଼େ କାଚ ଟୁକୁଡ଼ା, ଇଟା ଆଉ ପଥରର ଗଦା।

କିନ୍ତୁ ସେହି ଧ୍ୱଂସାବଶେଷ ମଧ୍ୟରେ ଏକ ଆଶାର ଆଲୋକ ଜଳୁଥିଲା। ଏକ ପୁରୁଣା, ଜରାଜୀର୍ଣ୍ଣ ମନ୍ଦିରର ଚାଳ ତଳେ ଏକ ଦୀପ ଜଳୁଥିଲା। ସେଠାରେ ଏକ ବୃଦ୍ଧା ମହିଳା ବସିଥିଲେ, ତାଙ୍କ ଆଖିରେ ଲୁହ ଥିଲେ ମଧ୍ୟ ସେ ନିଜ ନାତୁଣୀକୁ ଜାବୁଡ଼ି ଧରିଥିଲେ। ସେହି ଛୋଟ ଝିଅଟିର ହାତରେ ଏକ ଶାନ୍ତିର ପ୍ରତୀକ ଭାବେ ଏକ ସଫେଦ ପାରା ଥିଲା।

ଯୁଦ୍ଧର ସବୁଠାରୁ ବଡ଼ ଶିକାର ହୁଅନ୍ତି ନିରୀହ ଶିଶୁମାନେ। ସେମାନଙ୍କର ଛୋଟ ଛୋଟ ହାତରେ ଖେଳନା ବଦଳରେ ବୋମାର ଟୁକୁଡ଼ା ଆଉ ବନ୍ଧୁକର ଗୁଳି ଦିଆଯାଏ। ସେମାନଙ୍କର ସ୍ୱପ୍ନକୁ ଛଡ଼ାଇ ନିଆଯାଏ। କିନ୍ତୁ ଶେଷ ଦୀପର ଆଲୋକ କହିଲା, "ଯୁଦ୍ଧ ଶେଷ ହେବା ଆବଶ୍ୟକ। ଆମକୁ ଶାନ୍ତି ଦରକାର। ଆମ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ପ୍ରେମଭରା ଦୁନିଆ ଦରକାର।"

ଶେଷ ପାରାଟି ଆକାଶକୁ ଉଡ଼ିଗଲା, ଶାନ୍ତିର ବାର୍ତ୍ତା ବହନ କରି। ସେହି ଛୋଟ ଦୀପର ଆଲୋକ ଏକ ବଡ଼ ଜ୍ୱାଳାରେ ପରିଣତ ହେଲା, ଯାହା ସବୁ ନିରାଶାକୁ ଦୂର କରିଦେଲା।

ଏହା ଆମକୁ ମନେ ପକାଇ ଦିଏ ଯେ, ଯେତେ ବଡ଼ ଅନ୍ଧକାର ଥିଲେ ମଧ୍ୟ, ଏକ ଛୋଟ ଆଲୋକ ସବୁକିଛି ବଦଳାଇ ଦେଇପାରେ। ଆମକୁ ଶାନ୍ତି ଏବଂ ପ୍ରେମର ପ୍ରତୀକ ହେବାକୁ ପଡ଼ିବ।

**ନେହା ପ୍ରଧାନ**
*ବାଣପୁର, ଖୋର୍ଦ୍ଧା*

# ଅସୁରକ୍ଷିତ ନାରୀ

ନାରୀ ଆଜି ବି ଅସୁରକ୍ଷିତ ଏଥିପାଇଁ
ଦାୟୀ କିଏ ? ତାର ସେଇ ଶରୀର !
କିନ୍ତୁ ନାରୀ ନୁହେଁ ନାରୀକୁ ଯିଏ ସୃଷ୍ଟି
କରିଛି।
ଆଜି ବି ସମାଜର କୋଉ ସ୍ଥାନରେ
ନାରୀ ସୁରକ୍ଷିତ ନୁହେଁ
ତା'ହେଲେ ନାରୀର ନିରାପତ୍ତା ସ୍ଥାନ
କୋଉଠି ?
ଆଜି ସେ ସବୁଠି ଅତ୍ୟାଚାରିତା
ନିର୍ଯ୍ୟାତିତ
ସମାଜ ତାକୁ ଏମିତି ଢଙ୍ଗରେ
ଦେଖୁଛି ବାଧ ହୋଇ ସେ ନିଜ
ହାତରେ ନିଜକୁ ମାରୁଛି
କ'ଣ ନାରୀ ହେବା ଭୁଲ ନା
ଛାତିରେ ଗୋଟେ ଓଢ଼ଣି ପକାଇ
ମଥାପାତି ଚାଲିବା ଭୁଲ
ଆଜିବି ଏ ସମାଜର ଲୋକ ଖରାପ
ନଜରରେ ତାକୁ ଦେଖୁ ତା ଶରୀରକୁ
ଝୁଣି ଝୁଣି ସର୍ଦ୍ଦାର କରନ୍ତି
ବୋଧ ହୁଏ ନାରୀ ହେଇ ଜନ୍ମ
ହେବା ତାର ଥିଲା ଭୁଲ ସେଇ
ନାରୀଠୁ ଜନ୍ମ ହେଇ ନାରୀର ଇଜ୍ଜତ
ନେବେ ପାଇଁ ପଛଘୁଞ୍ଚା ଦିଏନି
ତା' ଶରୀରର କିଛି ଅଂଶ ପାଇଁ ସେ
ସବୁଠି
ଲଜ୍ଜିତ ଅପମାନିତ
ଲାଞ୍ଛିତ
ତା' ଶରୀର ପାଇଁ ସେ ଗୋଟେ
ପୁରୁଷ ସମାଜରେ ଅସୁରକ୍ଷିତ।

**ପୂଜାରାଣୀ ଦାସ**
ବାଲିପାଟଣା, ଭୁବନେଶ୍ୱର

# ଅବସୋସ

କିଛି ଗୋଟେ କରିବାକୁ
ଚାହୁଁଥିବା ମଣିଷ
ଯେବେ ପାଏନି ବାଟ
ତା' ପାଇଁ ସ୍ୱର୍ଗ ହିଁ ନର୍କ !
ଛାତିରେ ଥିବା ଅଲିଭା ଜଖମ
ଗୋଟା ଗୋଟା କରି ପୁନଶ୍ଚ
ଆଘାତ ଦେବାକୁ
ଆଗେଇ ଆସନ୍ତି।
କରିବା ମରିବାର ନୂଆ କିଛି
ଆନ୍ଦୋଳନ ସୃଷ୍ଟି ହୋଇଉଠେ
ପ୍ରତିଦ୍ୱନ୍ଦ୍ୱୀ ଜୀବନେ
କାହା ଉପସ୍ଥିତି କେବେ କନ୍ଦାଏ
କେବେ ହସାଏ
କେବେ ଭିଜାଏ
ଠିକ୍ ଗଲା ପରେ
ତାର ବିପରୀତ।
ଖୁବ୍ ଆଶା କରିହୁଏ
ସବୁ ଆଶା ଯେ ପୂରଣ ହେବ
ଭାବିନେବା ମୋ ଭଳି
ନିକମାର କର୍ମ।
ସ୍ୱପ୍ନ ଦେଖେ ମିଛେ ମିଛେ
ମିଛେ ହିଁ ଅଭିନୟ କରେ
କାନ୍ଦି ହସିବାର, ଏଇତ ଜୀବନ
ପ୍ରତି କ୍ଷଣରେ ହାରିଯାଉଥିବାର।

**କାହ୍ନୁଚରଣ ସାହୁ**
ପଣ୍ଡକାମାଳ,କଳାହାଣ୍ଡି

# ସିଙ୍ଗଲ୍ ଆଙ୍କଲେଟ୍





**ଏବେ ବଦଳିଗଲାଣି। ଝିଅମାନେ ଏବେ ଫ୍ୟାଶନରେ ଗୋଟେ ପାଦରେ ଷ୍ଟାଇଲିଶ୍ ଆଙ୍କଲେଟ୍ ପିନ୍ଧୁଥିବା ଦେଖିବାକୁ ମିଳୁଛି; ଯାହାକୁ ସିଙ୍ଗଲ୍ ଆଙ୍କଲେଟ୍ ବା ୱାନ ଲେଗ୍ ଆଙ୍କଲେଟ୍ ବୋଲି କୁହାଯାଉଛି। ପାଉଁଜି ନାରୀମାନଙ୍କ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ନୂଆବୋହୂମାନେ ମୋଟା ପାଉଁଜି ପିନ୍ଧୁଥିବାବେଳେ ଝିଅମାନେ ପତଳା ପାଉଁଜି ପିନ୍ଧିଥାନ୍ତି। ହେଲେ ଏବେ ପାଉଁଜିର ଫ୍ୟାଶନ ବି ବଦଳିଲାଣି। ଆଧୁନିକ ରୁଚି ସମ୍ପନ୍ନ ଝିଅମାନେ ଏବେ ଦୁଇ ପାଦରେ ପାଉଁଜି ନ ପିନ୍ଧି ଗୋଟେ ପାଦରେ ପିନ୍ଧୁଛନ୍ତି। ଏହାକୁ କେବଳ ପାରମ୍ପରିକ ପୋଷାକ ନୁହେଁ ୱେଷ୍ଟର୍ନ ଆଉଟ୍‌ଫିଟ୍ ଯେମିତିକି ଜିନ୍ସ, ସ୍କର୍ଟ, କାପ୍ରି ଆଦି ଯେ କୌଣସି ଆଉଟ୍‌ଫିଟ୍ ସାଙ୍ଗେ ପିନ୍ଧିପାରିବେ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ସିଙ୍ଗଲ୍ ଆଙ୍ଗଲେଟ୍ ସମ୍ପର୍କରେ...**

* ରୁପା ଅଥବା ଅନ୍ୟ ମେଟାଲ୍‌ର ଆଙ୍କଲେଟ୍: ପାଦରେ ରୁପାର ପାଉଁଜି ପିନ୍ଧିବାର ପରମ୍ପରା ରହିଛି। କେଉଁଠି କେଉଁଠି ସୁନାର ପାଉଁଜି ବି ଝିଅମାନେ ପିନ୍ଧିଥାନ୍ତି। କିନ୍ତୁ ଏବର ଫ୍ୟାଶନ ଟ୍ରେଲ୍‌ରେ ହ୍ୱାଇଟ୍ ଗୋଲ୍ଡ, ରୋଜ୍ ଗୋଲ୍ଡ ଏପରିକି ବ୍ରାସ୍‌ରେ ତିଆରି ଖୁବ୍ ସୁନ୍ଦର ସୁନ୍ଦର ସିଙ୍ଗଲ୍ ଆଙ୍କଲେଟ୍ ମିଳୁଥିବାର ଦେଖାଯାଉଛି; ଯାହାକୁ ଟ୍ରାଡିଶନାଲ୍ ଡ୍ରେସ୍ ହେଉକି ୱେଷ୍ଟର୍ନ ଆଉଟ୍‌ଫିଟ୍ ସଙ୍ଗେ କ୍ୟାରି କଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ ।

* ବିଡ୍ସ ଆଙ୍କଲେଟ୍: ଏହା ସବୁଠାରୁ ଶସ୍ତା, କଲରଫୁଲ୍ ତଥା ସହଜରେ ନିଜ ହାତରେ ତିଆରି କରିହେଉଥିବା ଏକ ସିଙ୍ଗଲ୍ ଆଙ୍କଲେଟ୍। ଏବେ ତ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ବିଟ୍ସ ହେଉ କି ମେଟାଲ୍‌ର ଅଥବା ଉଡ୍‌ର ବିଟ୍ସଗୁଡ଼ିକୁ ନେଇ ଖୁବ୍ ସୁନ୍ଦର ଆଙ୍ଗଲେଟ୍ ବିକ୍ରି ହେଉଥିବା ବି ଦେଖିବାକୁ ମିଳୁଛି; ଯାହା ଝିଅମାନଙ୍କୁ ଟିକେ ଫଙ୍କି ଲୁକ୍ ଦେଇଥାଏ। ଗେଟ୍ ଟୁଗେଦର୍ ପାର୍ଟି ହେଉକି କୌଣସି ଛୋଟମୋଟ ପାର୍ଟି କି ପିକ୍‌ନିକ୍‌ରେ ଏହି ଆଙ୍କଲେଟ୍‌କୁ କ୍ୟାରି କରାଯାଇପାରେ।

* ଷ୍ଟୋନ ଆଙ୍କଲେଟ୍: ଉଭୟ ସିଙ୍ଗଲ୍ କଲର୍ ତଥା ମଲ୍ଟି କଲର୍‌ର ଷ୍ଟୋନ ଲାଗିଥିବା ଖୁବ୍ ସୁନ୍ଦର ସୁନ୍ଦର ସିଙ୍ଗଲ୍ ଆଙ୍କଲେଟ୍ ଏବେ ମିଳୁଛି; ଯାହାକୁ ଆଙ୍କେଲ୍ ଲେଙ୍ଗ୍‌ଥ୍ ଜିନ୍ସ ହେଉ କି କାପ୍ରି ଜିନ୍ସ, ସ୍କର୍ଟ ଅଥବା ଫ୍ରକ୍ ସହ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଦେଖାଯାଇଥାଏ ।

ଏହାଛଡ଼ା ବିଭିନ୍ନ ପ୍ରକାରର ମୋତି, କ୍ରିଷ୍ଟାଲ୍ ତଥା କ୍ୟୁବିକ୍ ଜିରକୋନିଆ ଡିଜାଇନ୍‌ରେ ବି ସିଙ୍ଗଲ୍ ଆଙ୍କଲେଟ୍ ମିଳିଥାଏ। ସେହିପରି ଛୋଟ ଛୋଟ ଘୁଙ୍ଗୁର ଲାଗିଥିବାର ହେଉ କି ସିମ୍ପଲ୍ ଚେନ୍‌ବାଲା ସିଙ୍ଗଲ୍ ଆଙ୍କଲେଟ୍ ପିନ୍ଧି ପାଦର ସୌନ୍ଦର୍ଯ୍ୟକୁ ବଢ଼ାଇହେବ। ଅନ୍ୟପକ୍ଷେ ଶାମୁକା ଅଥବା ଛୋଟ ଛୋଟ ଶଙ୍ଖକୁ କଳା ସୂତାରେ ବାନ୍ଧି ତିଆରି କରାଯାଇଥିବା ଆଙ୍କ୍‌ଲେଟ୍ ହେଉ କି ନଜରବଟୁ ଷ୍ଟାଇଲ୍‌ର ଆଙ୍କଲେଟ୍‌କୁ ବିଚ୍‌ୱେର୍ ସାଙ୍ଗରେ ପେୟାର କରି ଗୋଟିଏ ପାଦରେ ପିନ୍ଧି ବିଚ୍‌ପାର୍ଟିକୁ ଗଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ।

କିଛି ଟିପ୍ସ

* ଯଦି ଆପଣ ଜିନ୍ସ ଅଥବା ଅନ୍ୟ କୌଣସି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ ବା ମଡର୍ନ ଷ୍ଟାଇଲ୍‌ର ସିଙ୍ଗଲ୍ ଆଙ୍କଲେଟ୍ ପିନ୍ଧୁଥାନ୍ତି, ତା'ହେଲେ ସିମ୍ପଲ ଫ୍ଲପ୍ ଫ୍ଲପ ହେଉକି ସ୍ୟାଣ୍ଡେଲ୍ ସହ ଏହାକୁ ପେୟାର୍ କରିପାରିବେ।

* ଆଉ ଯଦି ଶାଢ଼ି, ଲେହେଙ୍ଗା ଅଥବା ସାଲୱାର୍ ଶୁଟ୍ ସହ ଏହାକୁ ପିନ୍ଧୁଥାନ୍ତି, ତା'ହେଲେ ପ୍ଲାଟଫର୍ମ ହିଲ୍ କିମ୍ବା ମୋଜରି ଜୁତି ସାଙ୍ଗେ ଏହାକୁ ପେୟାର୍ କଲେ ଲୁକ୍ ସୁନ୍ଦର ଲାଗିଥାଏ।

ସୌନ୍ଦର୍ଯ୍ୟ

# ସୁନ୍ଦର କରନ୍ତୁ ତ୍ୱଚା

**ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟୁଟିପାର୍ଲର ଯିବା ବଦଳରେ ଘରୋଇ ଉପାୟ ଆପଣେଇବା ଅଧିକ ଲାଭଦାୟକ। ଏଥିପାଇଁ ବିଶେଷ ଫଳପ୍ରଦ ହୋଇଥାଏ ତୁଳସୀ। ଘରେ ମିଳୁଥିବା ବିଭିନ୍ନ ସାମଗ୍ରୀ ସହ ତୁଳସୀ ପତ୍ର ଲଗାଇଲେ ତ୍ୱଚାର ଅଧିକାଂଶ ସମସ୍ୟା ଦୂର କରିହେବ...**



ତୁଳସୀ ପତ୍ରର ବ୍ୟବହାର ଦ୍ୱାରା ମୁହଁରେ ଥିବା ସମସ୍ତ ପ୍ରକାରର କଳାଦାଗକୁ ଅତି ସହଜରେ ଦୂର କରାଯାଇପାରେ। ଏଥିପାଇଁ ପ୍ରଥମେ ତୁଳସୀ ପତ୍ରର ଏକ ସୂକ୍ଷ୍ମ ପେଷ୍ଟ ପ୍ରସ୍ତୁତ କରିବାକୁ ପଡ଼ିଥାଏ ଏବଂ ସେଥିରେ ଶୁଖିଲା କମଳା ଚୋପା ଗୁଣ୍ଡ ଏବଂ ମସୁର ଡାଲି ଗୁଣ୍ଡ ମିଶାଇବାକୁ ହୁଏ। ଏହା ସହିତ ସାମାନ୍ୟ ପରିମାଣର ଲେମ୍ବୁ ରସ, ସୁଗନ୍ଧିତ ଗୋଲାପ ଜଳ ଏବଂ ଅଳ୍ପ ହଳଦୀ ଗୁଣ୍ଡକୁ ଭଲ ଭାବେ ଗୋଳାଇ ଏକ ପ୍ୟାକ୍ ପ୍ରସ୍ତୁତ କରାଯାଏ। ଏହି ପ୍ୟାକକୁ ମୁହଁରେ ଲଗାଇ କିଛି ସମୟ ରଖିବା ପରେ ଧୋଇଦେଲେ ଏବଂ ନିୟମିତ ଭାବେ ଏପରି କଲେ ତ୍ୱଚାରେ ଥିବା ଜିଦ୍‌ଖୋର ଦାଗ ଦୂର ହୋଇ ମୁହଁ ଉଜ୍ଜ୍ୱଳ ଦିଶିବାକୁ ଲାଗେ। ସେହିପରି ଆଜିକାଲିର ଯୁବପିଢ଼ିଙ୍କ ପାଇଁ ବଡ଼ ସମସ୍ୟା ସାଜିଥିବା ବ୍ରଣର ସମାଧାନ ମଧ୍ୟ ତୁଳସୀ ପାଖରେ ରହିଛି। ବ୍ରଣ ସମସ୍ୟାରୁ ମୁକ୍ତି ପାଇବା ପାଇଁ ତୁଳସୀ ପତ୍ର ସହିତ କିଛି ନିମ ପତ୍ର ମିଶାଇ ପେଷ୍ଟ ପ୍ରସ୍ତୁତ କରିବା ଉଚିତ। ଏହି ମିଶ୍ରଣରେ ଅଳ୍ପ ମହୁ ମିଶାଇ ମୁହଁରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିବାକୁ ହୋଇଥାଏ ଏବଂ ପରେ ଅଳ୍ପ ଉଷୁମ ପାଣିରେ ମୁହଁ ଧୋଇବା ଦ୍ୱାରା ବ୍ରଣ ସମସ୍ୟାରୁ ଆଶ୍ୱସ୍ତି ମିଳେ। ପ୍ରତିଦିନ ଏହି ପ୍ରକ୍ରିୟାକୁ ଦୋହରାଇଲେ ମୁହଁ ସଫା ଓ ସୁନ୍ଦର ହୋଇଯାଏ। କେବଳ ଦାଗ ବା ବ୍ରଣ ନୁହେଁ, ତ୍ୱଚାର ପ୍ରାକୃତିକ ଉଜ୍ଜ୍ୱଳତା ବା ଗ୍ଲୋ ବଢ଼ାଇବା ପାଇଁ ମଧ୍ୟ ତୁଳସୀ ବହୁତ ଉପକାରୀ। ଏଥିପାଇଁ ତୁଳସୀ ପତ୍ର ବଟା ସହିତ ବେସନ ଗୁଣ୍ଡ, ହଳଦୀ ଏବଂ ସାମାନ୍ୟ ମହୁ ମିଶାଇ ଏକ ଘରୋଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରାଯାଏ। ଏହି ପ୍ୟାକକୁ ମୁହଁରେ ଲଗାଇ ସମ୍ପୂର୍ଣ୍ଣ ଶୁଖିବା ପର୍ଯ୍ୟନ୍ତ ବା ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ମୁହଁ ଧୋଇଦେବା ଉଚିତ। ସପ୍ତାହକୁ ଦୁଇରୁ ତିନି ଥର ଏହି ଉପାୟ ଅବଲମ୍ବନ କଲେ ତ୍ୱଚାର ଉଜ୍ଜ୍ୱଳତା କ୍ରମାଗତ ଭାବେ ବୃଦ୍ଧି ପାଇଥାଏ ଏବଂ ଆପଣ ପାଆନ୍ତି ଏକ ସୁନ୍ଦର ତଥା ନିଖୁଣ ତ୍ୱଚା।



# ବ୍ଲେଡ ମଝିରେ କାହିଁକି ଥାଏ ଏକ ଖାସ୍ ଡିଜାଇନ୍






**ବ୍ଲେଡ୍ ଯେଉଁ କମ୍ପାନୀର ହେଉ ନା କାହିଁକି, ତାହା ପୃଥିବୀର ଯେଉଁଠି ବି ତିଆରି ହୋଇଥାଉ ପଛେ ଡିଜାଇନ୍ କିନ୍ତୁ ଏକାପରି ଥାଏ। ଆଉ ବ୍ଲେଡ୍ ମଝିରେ ଥିବା ଖାଲି ସ୍ଥାନରେ ହୋଇଥିବା ଡିଜାଇନ୍ ତ ପୁରାପରି ଏକା ହୋଇଥାଏ...**

ଯେଉଁ କମ୍ପାନୀର ହେଉ ନା କାହିଁକି, ତାହା ପୃଥିବୀର ଯେଉଁଠି ବି ତିଆରି ହୋଇଥାଉ ପଛେ ତା'ର ଡିଜାଇନ୍ କିନ୍ତୁ ଏକାପରି ଥାଏ। ଆଉ ବ୍ଲେଡ୍ ମଝିରେ ଥିବା ଖାଲି ସ୍ଥାନରେ ହୋଇଥିବା ଡିଜାଇନ୍ ତ ପୁରାପରି ଏକା ହୋଇଥାଏ। ତେବେ ଏଭଳି କାହିଁକି ହୋଇଛି ଓ ଏହାର କାମ କ'ଣ ଜାଣିଛନ୍ତି ? ବ୍ଲେଡ୍‌କୁ ସର୍ବପ୍ରଥମେ ଜିଲେଟ୍ କମ୍ପାନୀର ପ୍ରତିଷ୍ଠାତା କିଙ୍ଗ କୈମ୍ପ ଜିଲେଟ୍ ୧୯୦୧ରେ, ୱିଲିୟମ ନିକର୍ସନଙ୍କ ସାହାଯ୍ୟରେ ତିଆରି କରିଥିଲେ। ସେହିବର୍ଷ ଉକ୍ତ ବ୍ଲେଡ୍‌ର ପେଟେଣ୍ଟ ବି ହେଇଥିଲା। ଆଉ ୧୯୦୪ରୁ କିଙ୍ଗ କୈମ୍ପ ଜିଲେଟ୍ ଏହାର ଉତ୍ପାଦନ ଆରମ୍ଭ କରିଥିଲେ। ସେହିବର୍ଷ ୧୬୫ଟି ବ୍ଲେଡ ତିଆରି କରାଯାଇଥିଲା। ସେତେବେଳେ ବ୍ଲେଡ୍‌ର ବ୍ୟବହାର କେବଳ ନିଶଦାଢ଼ି ଶେଭିଂ ପାଇଁ କରାଯାଉଥିଲା। ସେଥିପାଇଁ ବ୍ଲେଡ ମଝିର ଡିଜାଇନ ଏହିଭଳି କରାଯାଇଥିଲା, ଯଦ୍ୱାରା କି ତାହା ରେଜର୍ ବୋଲ୍ଟରେ ଠିକ୍ ଭାବେ ଖାପ ଖୁଆଇ ରହି ପାରିବ। ସେତେବେଳେ ଜିଲେଟ୍ ବ୍ୟତିତ ଅନ୍ୟ କୌଣସି କମ୍ପାନୀର ରେଜର୍ ନ ଥିଲା। ତେଣୁ ଏହାକୁ ନଜରରେ ରଖି ବ୍ଲେଡ୍ ମଝିର ଡିଜାଇନ୍ କରାଯାଇଥିଲା। ଏହାପରେ ବ୍ଲେଡର ବ୍ୟବସାୟ ଯେତେବେଳେ ଭଲ ଚାଲିଲା ଅନ୍ୟ କେତେକ କମ୍ପାନୀ ବି ଏହି କ୍ଷେତ୍ରକୁ ଆସିଲେ। ହେଲେ ସେତେବେଳେ ଶେଭିଂ ରେଜର୍ କେବଳ ଜିଲେଟ୍ କମ୍ପାନୀ ହିଁ କରୁଥିଲା। ତେଣୁ ବ୍ଲେଡ ଯେଉଁ କମ୍ପାନୀ କରୁ ପଛେ ଜିଲେଟ୍ ରେଜର୍‌ରେ ଖାପଖୁଆଇବା ରହିବା ପାଇଁ ବ୍ଲେଡ ମଝିର ସେହି ଡିଜାଇନ୍‌କୁ ଏକାପରି ହିଁ କରାଯାଉଥିଲା। ସେ ସମୟରେ ପ୍ରତିଦିନ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ଲେଡ ତିଆରି କରାଯାଉଥିଲା। ସମୟ ବଦଳିବା ସହ ଏବେ ବିଭିନ୍ନ ପ୍ରକାରର ରେଜର୍ ଆସିଲାଣି। ତେଣୁ ବ୍ଲେଡ ଡିଜାଇନ୍‌ରେ ବି କିଛିଟା ପରିବର୍ତ୍ତନ ଆସିଛି। କିନ୍ତୁ ସାଧାରଣଭାବେ ସେଇ ପୁରୁଣା ଡିଜାଇନ୍‌ର ବ୍ଲେଡ ହିଁ ବ୍ୟବହାର କରାଯାଉଛି।





# ରୁଟି

ରୁଟି ହେଉଛି ମଣିଷଜାତିର ସବୁଠାରୁ ପୁରୁଣା ଖାଦ୍ୟ ମଧ୍ୟରୁ ଗୋଟିଏ। ଏହା ସଭ୍ୟତାର ଉତ୍ଥାନ ସହିତ ଗଭୀର ଭାବରେ ଜଡ଼ିତ। ଆଜି ରୁଟିକୁ ଭାରତୀୟ ଖାଦ୍ୟର ଏକ ମୁଖ୍ୟ ଅଂଶ ଭାବରେ ବିବେଚନା କରାଯାଉଥିବା ବେଳେ, ଫ୍ଲାଟବ୍ରେଡର କାହାଣୀ ଭାରତର ରେକର୍ଡ ହୋଇଥିବା ଇତିହାସର ବହୁ ପୂର୍ବରୁ ଆରମ୍ଭ ହୁଏ। ଫ୍ଲାଟବ୍ରେଡର ଆବିଷ୍କାର ସୂଚିତ କରେ ଯେ କୃଷି ଆରମ୍ଭ ହେବାର ହଜାର ହଜାର ବର୍ଷ ପୂର୍ବରୁ ବିଶ୍ୱର ସବୁଠାରୁ ପୁରୁଣା ରୁଟି ତିଆରି ହୋଇଥିଲା। ତେଣୁ, ପ୍ରଥମ ରୁଟି କେଉଁଠାରେ ତିଆରି ହୋଇଥିଲା ? ଆସନ୍ତୁ ଜାଣିବା।

**ବିଶ୍ୱର ସବୁଠାରୁ ପୁରୁଣା ରୁଟି**

ଫ୍ଲାଟବ୍ରେଡର ଲୋକଙ୍କ ମତରେ, ଜୋର୍ଡାନର ଉତ୍ତର-ପୂର୍ବ ମରୁଭୂମିରେ ବିଶ୍ୱର ସବୁଠାରୁ ପୁରୁଣା ରୁଟିର ଅବଶିଷ୍ଟାଂଶ ମିଳିଛି। ଏହି ଅବଶିଷ୍ଟାଂଶ ପ୍ରାୟ ୧୪,୪୦୦ ବର୍ଷ ପୁରୁଣା, ଯାହା ସଂଗଠିତ କୃଷି ଆରମ୍ଭ ହେବାର ପ୍ରାୟ ୪,୦୦୦ ବର୍ଷ ପୂର୍ବରୁ। ଏହି ରୋଟି ଏକ ପ୍ରକାର ଫ୍ଲାଟବ୍ରେଡର ଥିଲା ଯାହା ଜର୍ଓ୍ୱ, ଓଟ୍ସ ଏବଂ କନ୍ଦ ଭଳି ଜଙ୍ଗଲୀ ଶସ୍ୟକୁ ପିସି ତିଆରି କରାଯାଇଥିଲା। ଏହା ସମ୍ଭବତଃ ଗରମ ପଥରରେ କିମ୍ବା ଆଦିମ ଚୁଲିରେ ରନ୍ଧା ହେଉଥିଲା। ଏହି ଆବିଷ୍କାର ସୂଚାଇ ଦିଏ ଯେ ପ୍ରାରମ୍ଭିକ ମଣିଷମାନେ ବ୍ୟବସ୍ଥିତ କୃଷି ଆରମ୍ଭ ହେବାର ବହୁ ପୂର୍ବରୁ ଶସ୍ୟ ଜାତୀୟ ଖାଦ୍ୟ ସହିତ ପରୀକ୍ଷଣ କରୁଥିଲେ।

**ସିନ୍ଧୁ ଉପତ୍ୟକା ଏବଂ ପ୍ରାରମ୍ଭିକ ଭାରତୀୟ ରୁଟି ପରମ୍ପରା**

ଭାରତୀୟ ଉପମହାଦେଶରେ ରୁଟିର କାହାଣୀ ହଜାର ହଜାର ବର୍ଷ ପୁରୁଣା ସିନ୍ଧୁ ଉପତ୍ୟକା ସଭ୍ୟତା ସହିତ ଜଡ଼ିତ, ଯାହା ପ୍ରାୟ ୩୦୦୦ ବିସିଇର ଅଟେ। ହରପ୍ପା ଏବଂ ମୋହେଞ୍ଜୋ-ଦାରୋରେ ଖନନରୁ ଗହମ ଏବଂ ଯବ ଶସ୍ୟ ମିଳିଛି ଯାହା ଆଜି ବି ଭାରତରେ ଚାଷ କରାଯାଏ। ଏହି ପ୍ରମାଣ ସୂଚାଇ ଦିଏ ଯେ ଏହି ଅଞ୍ଚଳର ପ୍ରାରମ୍ଭିକ ବାସିନ୍ଦାମାନେ ଶସ୍ୟ ଚାଷ କରୁଥିଲେ ଏବଂ କିଛି ପ୍ରକାରର ଫ୍ଲାଟରୁଡ ତିଆରି କରୁଥିଲେ।

**ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ**

ପ୍ରାଚୀନ ଭାରତୀୟ ସାହିତ୍ୟରେ ମଧ୍ୟ ରୁଟି ଏବଂ ଚପାତିର ଉଲ୍ଲେଖ ଅଛି। ଚପାତି ଭଳି ଶବ୍ଦ ସଂସ୍କୃତ ଗ୍ରନ୍ଥ ଏବଂ ମହାଭାରତ ଭଳି ମହାକାବ୍ୟରେ ଦେଖାଯାଏ। ଏହା ବିଶ୍ୱାସ କରାଯାଏ ଯେ ଚପାତି ଶବ୍ଦ ସଂସ୍କୃତ ଶବ୍ଦ କରପଟିରୁ ଆସିଛି, ଯାହାର ଅର୍ଥ ଏକ ପତଳା କେକ। ରୁଟି ଶବ୍ଦ ନିଜେ ସଂସ୍କୃତ ଶବ୍ଦ ରୋଟିକାରୁ ଆସିଛି।

**ମୋଗଲ ଯୁଗ ଏବଂ ରୋଷେଇ ପରିଚୟ**

ମୋଗଲ ଯୁଗରେ ରୁଟି ଅଧିକ ସ୍ୱୀକୃତି ପାଇଥିଲା। ଏହା ବିଶେଷ ଭାବରେ ୧୬ ଶତାବ୍ଦୀର ଐତିହାସିକ ଦଲିଲ, ଆଇନ-ଇ-ଆକବରୀରେ ଉଲ୍ଲେଖ କରାଯାଇଛି। ଏହା କୋର୍ଟ ପ୍ରଥା ଏବଂ ଖାଦ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ। ମୋଗଲ ସମ୍ରାଟ ଆକବର ବିଭିନ୍ନ ପ୍ରକାରର ରୁଟି ଭଲ ପାଉଥିଲେ।

# ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଚିନାବାଦାମ

ଚିନାବାଦାମ କେବଳ ଏକ ସାଧାରଣ ଖାଦ୍ୟ ନୁହେଁ, ବରଂ ଏହା ଶରୀର ପାଇଁ ଅନେକ ଜୈବିକ ଗୁଣରେ ଭରପୂର। ବିଶେଷଜ୍ଞଙ୍କ ମତ ଅନୁସାରେ ଚିନାବାଦାମ ଖାଇଲେ ତାହା ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ପୂର୍ବ ଅପେକ୍ଷା ଅଧିକ ସକ୍ରିୟ କରିଥାଏ। ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ସେମାନଙ୍କ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ ଚିନାବାଦାମ ଶରୀରର ରକ୍ତ ପ୍ରବାହକୁ ସୁଗମ କରିବାରେ ବେଶ୍ ସହାୟକ ହୁଏ। ଏହା ବ୍ୟତୀତ ଚିନାବାଦାମ ଆମ ତ୍ୱଚା ପାଇଁ ମଧ୍ୟ ଏକ ପ୍ରତିରକ୍ଷା କବଚ ସଦୃଶ କାମ କରିଥାଏ। ସୂର୍ଯ୍ୟଙ୍କର ପ୍ରଖର କିରଣରୁ ବାହାରୁଥିବା କ୍ଷତିକାରକ ପ୍ରଭାବରୁ ଏହା ଚର୍ମକୁ ରକ୍ଷା କରେ।




ଦୃଷ୍ଟିଶକ୍ତି ବୃଦ୍ଧି କ୍ଷେତ୍ରରେ ଚିନାବାଦାମ ଏକ ଉତ୍ତମ ପଥ୍ୟ ଭାବେ ବିବେଚିତ। ଏଥିରେ ଓମେଗା ଫ୍ୟାଟି ଏସିଡ୍ ଏବଂ ଖଣିଜ ଲବଣ ପୂର୍ଣ୍ଣ ମାତ୍ରାରେ ରହିଥିବାରୁ ଏହା ଆଖିର ଦୃଷ୍ଟିଶକ୍ତି ବଢ଼ାଇବା ସହ ଆଖି ତଳ କଳା ପଡ଼ିବା ଏବଂ ଆଖି କୁଣ୍ଡେଇ ହେବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ବାଦାମରେ ଥିବା ଏହି ଓମେଗା ଫ୍ୟାଟି ଏସିଡ୍ ଶରୀର ମଧ୍ୟରେ ରକ୍ତ ପ୍ରବାହକୁ ନିୟନ୍ତ୍ରିତ ଓ ସକ୍ରିୟ ରଖେ। ଚିନାବାଦାମରେ ଭିଟାମିନ୍ ଏବଂ ଖଣିଜ ଲବଣର ପ୍ରାଚୁର୍ଯ୍ୟ ରହିଛି। ଯଦି ଏହାକୁ ନିୟମିତ ଖାଦ୍ୟ ଭାବେ ଗ୍ରହଣ କରାଯାଏ, ତେବେ ଶରୀରରେ ଆସିବାକୁ ଥିବା ବିଭିନ୍ନ ପ୍ରକାରର ପୁଷ୍ଟିହୀନତା ବା ଆଶିଂକ କ୍ଷତିକୁ ଏହା ରୋକିବାରେ ସଫଳ ହୁଏ। କେବଳ ସେତିକି ନୁହେଁ, ଶରୀରରେ କୋଲେଷ୍ଟ୍ରଲର ପରିମାଣକୁ ସନ୍ତୁଳିତ ରଖିବାରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ଭାହ କରେ। ଭିଟାମିନ୍ 'ବି' ର ଏହା ଏକ ପ୍ରମୁଖ ଉତ୍ସ ହୋଇଥିବାରୁ ଶରୀରକୁ ସୁସ୍ଥ ଓ ସବଳ ରଖିବା ପାଇଁ ଚିନାବାଦାମକୁ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ନିହାତି ଜରୁରୀ।



# ବାଗାଟୋର ବିଚ୍

**ଗୋଆର ଏକ ଆକର୍ଷଣୀୟ ବିଚ୍ ଭାବେ ବାଗାଟୋର ବେଶ୍ ପ୍ରସିଦ୍ଧ। ଏଠାକାର ସୁନ୍ଦର ଧଳାବାଲିର ତଟ, ଭୋଜନ ସଂସ୍କୃତି ତଥା ସ୍ଥାନୀୟ ଲୋକଙ୍କ ଆତିଥେୟତା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଖାସ୍ ଏହିସବୁ କାରଣ ପାଇଁ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୁଏ...**



ଗୋଆରେ ଏକାମ୍ବିକ ବିଚ୍ ଥିବାର ତଥ୍ୟ ରହିଛି। ତନ୍ମଧ୍ୟରୁ ବାଗାଟୋର ବିଚ୍ ହେଉଛି ଅନ୍ୟତମ। ସୂଚନାନୁଯାୟୀ, ଗୋଆର ଆକର୍ଷଣୀୟ ସହର ପଣଜିଠାରୁ ପ୍ରାୟ ୨୧ କି.ମି. ଦୂରରେ ରହିଛି ଏହି ବାଗାଟୋର ବିଚ୍। ଏହି ବିଚ୍‌ର ଧଳାବାଲିର ତଟ ଆଉ ଚଟାଣ ଦେଖିବାକୁ ଖୁବ୍ ଆକର୍ଷକ ଲାଗିଥାଏ। ତା'ଛଡ଼ା ଏଠାରେ ମିଳୁଥିବା ସୁସ୍ୱାଦୁ ଭୋଜନ ତଥା ସ୍ଥାନୀୟ ଲୋକଙ୍କ ଉତ୍ତମ ବ୍ୟବହାର ବି ପର୍ଯ୍ୟଟକଙ୍କୁ ଏଠାକୁ ଟାଣି ଆଣିଥାଏ। ଖାସ୍ ଏହି କାରଣ ପାଇଁ ବ୍ୟସ୍ତମୟ ଜୀବନରୁ ଟିକେ ଫୁରସତ ପାଇଲେ ଅନେକ ପର୍ଯ୍ୟଟକ ଏଠାକୁ ଶାନ୍ତି ଆଶାରେ ଧାଇଁ ଆସିଥାନ୍ତି।

**କ'ଣ କରିବେ:** ବାଗାଟୋର ବିଚ୍‌ର ରାତ୍ରି ସମୟ ସବୁଠାରୁ ଆକର୍ଷଣ ଲାଗେ। ସୂର୍ଯ୍ୟାସ୍ତ ହେବା ମାତ୍ରେ ଏଠାକାର ପରିବେଶ ନାଚ, ଗୀତରେ ରଙ୍ଗାରଙ୍ଗ ହୋଇଉଠେ। ଏହି ବିଚ୍‌ରେ ଓପନ୍ ଏୟାର୍ କ୍ଲବର ବି ସୁବିଧା ଅଛି; ଯେଉଁଠାରେ ପର୍ଯ୍ୟଟକ ରେଭ୍ ପାର୍ଟିର ଭରପୂର ମଜା ନେଇପାରିବେ। ସବୁଠୁ ଖାସ୍ କଥା ହେଉଛି ଏଠାରେ ବହୁତ ରାତି ପର୍ଯ୍ୟନ୍ତ ପାର୍ଟି କଲେ ବି କିଛି ଅସୁବିଧା ହୁଏ ନାହିଁ; ଯାହାକୁ ନେଇ ସ୍ଥାନୀୟ ଲୋକେ ମଧ୍ୟ ଖୁବ୍ ସଚେତନ ରହିଥାନ୍ତି। ତା'ଛଡ଼ା ପର୍ଯ୍ୟଟକ ଏହି ବିଚ୍‌ରେ ଗାଧୋଇ ପାରିବେ, ସନ୍‌ବାଥ୍‌ର ମଜା ନେଇପାରିବେ, ତଟରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟକୁ ବି ଉପଭୋଗ କରିପାରିବେ। ଏସବୁ ବାଦ୍ ଏଠାରେ ମିଳୁଥିବା ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଜନକୁ ଖାଇବାର ମଜା ମଧ୍ୟ ନେଇପାରିବେ।

**କ'ଣ କିଣିବେ:** ସୂଚନାନୁଯାୟୀ, ଏଠାରେ କିଣାକିଣି କରିବା ପାଇଁ ନିକଟରେ ପିସୁ ନାମରେ ଏକ ବଜାର ରହିଛି; ଯେଉଁଠାରୁ ପର୍ଯ୍ୟଟକ ଡିଜାଇନର୍ ଜୁଏଲେରି, ଡିଜାଇନର୍ ଡ୍ରେସ୍, ଆର୍ଟିଫିସିଆଲ୍ ଜୁଏଲେରି, ଶୁକ୍, ଡିଜାଇନର୍ ବ୍ୟାଗ୍, ଫୁଡ୍ ଆଇଟମ୍ସ, କ୍ରକେରି, ସଫ୍ଟ ଟଏଜ୍ ଇତ୍ୟାଦି ବିଭିନ୍ନ ଜିନିଷ ସୁଲଭ ଦରରେ କିଣିପାରିବେ। ଖାସ୍ କରି ପ୍ରତି ଶନିବାର ଦିନ ଏହି ବଜାରରେ ସ୍ୱତନ୍ତ୍ର ହାଟ ବସେ; ଯେଉଁଥିପାଇଁ ଖୁବ୍ ଭିଡ଼ ହୁଏ।

**ୱାଟର ସ୍ପୋର୍ଟ୍ସ୍‌ର ମଜା ନେବେ:** ବାଗାଟୋର ବିଚ୍‌ରେ ବି ପର୍ଯ୍ୟଟକ ବିଭିନ୍ନ ପ୍ରକାର ୱାଟର ସ୍ପୋର୍ଟର ମଜା ନେଇପାରିବେ। ଯେମିତି କି ଜେଟ୍ ସ୍କି, ବାନାନା ରାଇଡ୍, ବମ୍ପର ବୋଟ୍ ରାଇଡ୍, ପାରାସେଲିଂ ଇତ୍ୟାଦି ଅନ୍ୟତମ। ଏ ନେଇ ଏଠାରେ ସ୍ୱତନ୍ତ୍ର ଟ୍ରେନିଂ ଦେବାର ବି ବ୍ୟବସ୍ଥା ରହିଛି।

**କେବେ ଓ କେମିତି ଯିବେ:** ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଟ୍ରେନ୍ ହେଉକି ବସ୍, ଫ୍ଲାଇଟ୍ ହେଉକି ନିଜର କିଛି ଯାନବାହନ ସାହାଯ୍ୟରେ ବି ଏହି ବାଗାଟୋର ବିଚ୍‌କୁ ସୁବିଧାରେ ଯାଇହେବ। ଡାବୋଲିମ୍ ଏୟାରପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଥିଭିମ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ଅନ୍ୟପକ୍ଷେ ଯଦି ବସ୍ ଯୋଗେ ଯିବାକୁ ଚାହୁଁଥାନ୍ତି, ତା'ହେଲେ ବାଗାଟୋର ବିଚ୍ ନିକଟକୁ ସିଧାସଳଖ ବସ୍‌ର ସୁବିଧା ନାହିଁ। ପ୍ରଥମେ ପଣଜି ବଷ୍ଟାଣ୍ଡରେ ପହଞ୍ଚି ସେଠାରୁ ଟ୍ୟାକ୍ସି କିମ୍ବା ଅନ୍ୟ କୌଣସି ଯାନବାହନ ଯୋଗେ ସୁବିଧାରେ ଯାଇ ଏହି ବିଚ୍ ନିକଟରେ ପହଁଞ୍ଚିହେବ।

**କିଛି ଜାଣିବା କଥା:** ଏହି ବିଚ୍ ନିକଟରେ ପର୍ଯ୍ୟଟକଙ୍କ ରହିବା ପାଇଁ କଟେଜ୍, ହୋଟେଲ ତଥା ରିସୋର୍ଟର ଭଲ ସୁବିଧା ରହିଛି। ପୂର୍ବରୁ ବୁକିଂ କରି ଗଲେ ଭଲ ହେବ। ତା'ଛଡ଼ା ଏଠାକାର ଲୋକଙ୍କର ଆତିଥେୟତା ଯେତେ ଭଲ ହେଲେ ବି ନିଜର ତଥା ନିଜ ପରିଜନଙ୍କର ଏବଂ ଜିନିଷପତ୍ରର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜେ ଯେତେ ସଚେତନତାର ସହ କରିବେ ସେତେ ଭଲ।

# ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ବିଶ୍ୱ: ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ

ବଢୁଥିବା ବିଶ୍ୱ ଉତ୍ତେଜନା ମଧ୍ୟରେ, ବାବା ଭେଙ୍ଗାଙ୍କ ତୃତୀୟ ବିଶ୍ୱଯୁଦ୍ଧର ଭବିଷ୍ୟବାଣୀ ପୁଣି ଥରେ ସୋସିଆଲ ମିଡିଆରେ ଟ୍ରେଣ୍ଡିଂ ଆରମ୍ଭ କରିଛି, ବିଶେଷକରି ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସାମ୍ପ୍ରତିକ ସାମରିକ କାର୍ଯ୍ୟାନୁଷ୍ଠାନ ପରେ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଦାବି କରୁଛନ୍ତି ଯେ ବୁଲଗେରିଆନ ରହସ୍ୟବାଦୀ ଏବଂ ଭବିଷ୍ୟବାଣୀ ୨୦୨୦ ଦଶକରେ ଏକ ବିପଦପୂର୍ଣ୍ଣ ବିଶ୍ୱଯୁଦ୍ଧ ଭବିଷ୍ୟବାଣୀ କରିଥିଲେ।

ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନ ଭିତରେ ଆକ୍ରମଣ କରିଥିବା ସମ୍ପ୍ରତିକ ଖବର ପରେ ସଦ୍ୟତମ ଉତ୍ତେଜନା ବୃଦ୍ଧି ପାଇଛି। ଇରାନୀ ଗଣମାଧ୍ୟମ ଦାବି କରିଛି ଯେ ଆକ୍ରମଣଗୁଡ଼ିକ ତେହରାନର ଗୁରୁତ୍ୱପୂର୍ଣ୍ଣ ସରକାରୀ ସ୍ଥାନ ନିକଟରେ ହୋଇଥିଲା। ଦାବି କରାଯାଉଛି ଯେ ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ସମେତ ଇରାନର ପରିବାରର ଚାରି ଜଣ ସଦସ୍ୟ ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣକୁ ଏକ ପ୍ରମୁଖ ସାମରିକ କାର୍ଯ୍ୟାନୁଷ୍ଠାନ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଇରାନକୁ ଏହାର ପରମାଣୁ ଏବଂ କ୍ଷେପଣାସ୍ତ୍ର କ୍ଷମତାକୁ କ୍ରମାଗତ ଭାବରେ ବିସ୍ତାର କରୁଥିବା ଅଭିଯୋଗ କରିଛନ୍ତି। ଜବାବରେ, ଇରାନ ମଧ୍ୟପ୍ରାଚ୍ୟରେ ଅନେକ ସ୍ଥାନକୁ ଟାର୍ଗେଟ କରି ପ୍ରତିଶୋଧ ନେଇଛି, ଯାହା ଏକ ବୃହତ ଆଞ୍ଚଳିକ ସଂଘର୍ଷର ଆଶଙ୍କା ସୃଷ୍ଟି କରିଛି।

ରୁଷିଆ ଆମେରିକା-ଇସ୍ରାଏଲ କାର୍ଯ୍ୟକୁ କଡ଼ା ନିନ୍ଦା କରିଛି, ୱାଶିଂଟନ ଏବଂ ତେଲ ଅଭିଭକୁ ମଧ୍ୟପ୍ରାଚ୍ୟକୁ ଅନିୟନ୍ତ୍ରିତ ଉତ୍ତେଜନା ଭିତରକୁ ଠେଲି ଦେଉଥିବା ଅଭିଯୋଗ କରିଛି। ରୁଷିଆନ ବୈଦେଶିକ ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନା ମାନବିକ, ଆର୍ଥିକ ଏବଂ ଏପରିକି ରେଡିଓଲୋଜିକାଲ ବିପଦ ସୃଷ୍ଟି କରିପାରେ। ରୁଷ ସୁରକ୍ଷା ପରିଷଦର ଉପ-ସଭାପତି ଦିମିତ୍ରୀ ମେଦଭେଦେବ ଆମେରିକାର ଏକଛତ୍ରବାଦୀ ଶାସନକୁ ସମାଲୋଚନା କରିଛନ୍ତି ଏବଂ ୱାଶିଂଟନର ଦୀର୍ଘକାଳୀନ ରଣନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି।

ସମକାଳୀନ ଭାବରେ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ମଧ୍ୟ ଉତ୍ତେଜନା ବୃଦ୍ଧି ପାଉଛି।



ପାକିସ୍ତାନୀ ସେନା ଆଫଗାନିସ୍ତାନରେ ତୋପ ଏବଂ ବିମାନ ଆକ୍ରମଣ ଆରମ୍ଭ କରିଛି, ଯାହାକୁ ସେ ସୀମାପାର ଆକ୍ରମଣ ବୋଲି ବର୍ଣ୍ଣନା କରିଛି। ସଂଘର୍ଷ ବୃଦ୍ଧି ପାଇବା ପରେ ଇସଲାମାବାଦ ଖୋଲା ଯୁଦ୍ଧ ଘୋଷଣା କରିଛି, ଯେତେବେଳେ କାବୁଲ ମୃତ୍ୟୁ ସଂଖ୍ୟା ଉପରେ ପ୍ରଶ୍ନ ଉଠାଇ ପାକିସ୍ତାନକୁ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବାର ଅଭିଯୋଗ କରିଛି। ଏହି ଯୁଦ୍ଧ ପୂର୍ବରୁ ଏକ ଦୁର୍ବଳ ଅଞ୍ଚଳର ସୁରକ୍ଷାକୁ ଗୁରୁତର ଭାବରେ ଚାପ ପକାଇଛି। ଏହି ସମୟରେ, ରୁଷ-ୟୁକ୍ରେନ ଯୁଦ୍ଧ ଜାରି ରହିଛି, ମସ୍କୋ ଖାରକିଭ ଏବଂ ଜାପୋରିଝିଆ ଅଞ୍ଚଳରେ ନୂତନ ଅଞ୍ଚଳ ଦାବି କରୁଛି। ୟୁକ୍ରେନ ନିଜ ଅଞ୍ଚଳ ଛାଡିବାକୁ ରାଜି ନହେବା ପର୍ଯ୍ୟନ୍ତ ଆମେରିକା ନେତୃତ୍ୱାଧୀନ ଶାନ୍ତି ଆଲୋଚନାକୁ ଆଗକୁ ବଢ଼ାଇବାରେ ରୁଷ ଅଧିକାରୀମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ଲାଭ ଦେଖୁନଥିବା ଜଣାପଡ଼ିଛି। ଆଗାମୀ କୂଟନୈତିକ ଆଲୋଚନା ନିର୍ଣ୍ଣୟ କରିବ ଯେ ଦୀର୍ଘକାଳୀନ ସଂଘର୍ଷ ବୃଦ୍ଧି ପାଇବ କି ବୃଦ୍ଧି ପାଇବ।

ଏକ ବିପଦପୂର୍ଣ୍ଣ ସମୟରେ ଅନେକ ସଂଘର୍ଷର ଏକତ୍ରୀକରଣ ସତ୍ତ୍ୱେ, ବିଶ୍ୱବ୍ୟାପୀ ବିକାଶ ଏପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ବିଶ୍ୱଯୁଦ୍ଧ ପରିସ୍ଥିତିରେ ପରିଣତ ହୋଇନାହିଁ। ତଥାପି, ଏହି ଅଞ୍ଚଳରେ ଶତ୍ରୁତାର ଏକକାଳୀନ ବୃଦ୍ଧି କୂଟନୈତିକ ଆଲୋଚନା ଏବଂ ସଂଘର୍ଷ ସମାଧାନର ଆବଶ୍ୟକତାକୁ ଉଜ୍ଜ୍ୱଳ କରିଥାଏ। ବିଶ୍ଳେଷକମାନେ ସତର୍କ କରାଇ ଦେଇଛନ୍ତି ଯେ, ଭବିଷ୍ୟବାଣୀ ଚେତାବନୀ ସାଧାରଣ ଲୋକଙ୍କ ଧ୍ୟାନ ଆକର୍ଷଣ କରିପାରେ, କିନ୍ତୁ ପ୍ରକୃତ ଧ୍ୟାନ ଆହୁରି ବୃଦ୍ଧିକୁ ରୋକିବା ଏବଂ ଭୂରାଜନୈତିକ ସ୍ଥିରତା ବଜାୟ ରଖିବା ଉପରେ ହେବା ଉଚିତ।

# ଟି-୨୦ ବିଶ୍ୱକପ୍: ଫିନ୍ ଆଲେନଙ୍କ ବିଶ୍ୱ ରେକର୍ଡ ଶତକ

କୋଲକାତା : ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। କୋଲକାତାର ଐତିହାସିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କିୱି ଦଳ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟ ଓ ସୁପର-୮ରେ ଅପରାଜେୟ ରହିଥିବା ଦକ୍ଷିଣ ଆଫ୍ରିକା ପୁଣିଥରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ?ରେ ବିଫଳ ହୋଇ 'ଚୋକର୍ସ' ଆଖ୍ୟାକୁ ସତ୍ୟ ସାବ୍ୟସ୍ତ କରିଛି। ନ୍ୟୁଜିଲାଣ୍ଡ ପୂର୍ବରୁ ୨୦୨୧ରେ ପ୍ରଥମ କରି ଫାଇନାଲ ଖେଳିଥିବା ବେଳେ ଚଳିତ ବିଜୟ ସହ ଏହା ନିଜର ଶକ୍ତି ପ୍ରଦର୍ଶନ କରିଛି।

ଏହି ରୋମାଞ୍ଚକର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦକ୍ଷିଣ ଆଫ୍ରିକା ନିର୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମାର୍କୋ ଜାନସେନ ସର୍ବାଧିକ ୫୫ ରନ୍ କରିଥିବା ବେଳେ ତାଙ୍କର ୩୦ ବଲ୍‌ର ଏହି ଇନିଂସରେ ୨ଟି ଚୌକା ଓ ୫ଟି ଛକା



ସାମିଲ ଥିଲା। ଏହାବ୍ୟତୀତ ଡେୱାଲ୍ଡ ବ୍ରେଭିସ୍ ୩୪, ଟ୍ରିଷ୍ଟନ ଷ୍ଟବ୍ସ ୨୯, ଅଧିନାୟକ ଏଡେନ ମାର୍କରମ ୧୮ ଏବଂ କ୍ୱିଣ୍ଟନ ଡିକକ୍ ୧୦ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବୋଲିଂରେ ମ୍ୟାଟ୍ ହେନେରୀ, କୋଲେ ମ୍ୟାକକୋଞ୍ଚି ଏବଂ ରଚିନ ରବୀନ୍ଦ୍ର ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ୧୭୦ ରନ୍‌ର ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ମାତ୍ର ୧୨.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟ ହାସଲ କରିନେଇଥିଲା। ବିଜୟର ମୁଖ୍ୟ ନାୟକ ସାଜିଥିବା ଓପନର୍ ଫିନ୍ ଆଲେନ୍ ମାତ୍ର ୩୩ ବଲ୍‌ରୁ ୧୦୦ ରନ୍‌ର ଏକ ବିସ୍ଫୋରକ ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଏଥିସହିତ ସେ ଟି-୨୦ ବିଶ୍ୱକପ୍ ଇତିହାସରେ ଦ୍ରୁତତମ ଶତକ ହାସଲ କରିବାରେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଗେଲ୍ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ୪୭ ବଲ୍‌ରେ ଶତକ ହାସଲ କରିଥିଲେ। ଆଲେନଙ୍କୁ ତାଙ୍କର ସହଯୋଗୀ ଓପନର୍ ଟିମ୍ ସିଫର୍ଟ ମଧ୍ୟ ବେଶ୍ ସହଯୋଗ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୧୧୭ ରନ୍ ସଂଗ୍ରହ କରିଥିଲେ। ସିଫର୍ଟ ୩୩ ବଲ୍‌ରୁ ୫୮ ରନ୍ (୭ ଚୌକା ଓ ୨ ଛକା) କରି କାଗିସୋ ରବାଡାଙ୍କ ଶିକାର ହୋଇଥିଲେ। ପରେ ଆଲେନ୍ ୧୦୦ ରନ୍ ଏବଂ ରଚିନ ରବୀନ୍ଦ୍ର ୧୩ ରନ୍ କରି ଅପରାଜିତ ରହି ଦଳକୁ ଫାଇନାଲ୍ ଟିକେଟ୍ ଦେଇଥିଲେ।

## DECLARATION

### FORM-IV (Rule-B)

I, SANJA SAMEER MOHAPATRA declare that I am the printer & publisher of the newspaper entitled TEJASWINI to be printed & published at PLOT NO- 1309 , MAHATAB ROAD , OLD TOWN , BHUBANESWAR. ODISHA, 751002 and that particulars in respect of the said newspaper given here under are true to the best of my knowledge and belief under process in PRGI.

1. Title of Newpaper : TEJASWINI
2. Language in which it is published : ODIA
3. Periodicity of its publication : WEEKLY
   (a) Whether a daily, bi-weekly, Tri-weekly, fortnightly or otherwise
   (b)In case of Newspaper other than It is to be published
4. Retail selling price : Rs 7/
5. Publisher's Name : SANJA SAMEER MOHAPATRA
   Address : PLOT NO- 1309 , MAHATAB ROAD, OLD TOWN BHUBANESWAR. ODISHA, 751002
6. Nationality : INDIAN
7. Printers Name : SANJA SAMEER MOHAPATRA
   Address : PLOT NO- 1309 , MAHATAB ROAD, OLD TOWN, BHUBANESWAR.
8. Name of the printing press CHANDAN PRINTERS, PLOT NO-3,
   Where the newspaper is actually pritedand the true and precise description of the premises on which press is installed GOPABANDHU CHHAK, UNIT-8, BHUBANESWAR,ODISHA.
9. Editor's Name : SANJA SAMEER MOHAPATRA
   Nationality : INDIAN
   Address : PLOT NO- 1309 , MAHATAB ROAD, OLD TOWN , BHUBANESWAR.
10. Owner's Name : TEJASWINI FOUNDATION TRUST
    Please state the perticulars of indivisual or the firms, joint stock company, trust, cooperative society or association Which owns the Newspaper. : PLOT NO- 1309 , MAHATAB ROAD , OLD TOWN , BHUBANESWAR.

Place :Bhubaneswar
Date : 09.03.2026

Sd/-
SANJASAMEER MOHAPATRA
EDITOR

## ଶ୍ରୀଲଙ୍କା ବିପକ୍ଷ ସିରିଜ୍ ପାଇଁ ଆଫଗାନିସ୍ତାନ ଦଳ ଘୋଷଣା

କାବୁଲ: ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ଶ୍ରୀଲଙ୍କା ବିପକ୍ଷ ଆଗାମୀ ଟି-୨୦ ଏବଂ ଦିନିକିଆ ସିରିଜ୍ ପାଇଁ ଦଳ ଘୋଷଣା କରିଛି। ଏହି ସିରିଜ୍‌ରେ ଇବ୍ରାହିମ୍ ଜାଦ୍ରାନ୍‌ଙ୍କୁ ଦଳର ନୂଆ ଟି-୨୦ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେ ଷ୍ଟାର୍ ସ୍ପିନର୍ ରଶିଦ୍ ଖାନଙ୍କ ସ୍ଥାନ ନେବେ। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଦଳର ପ୍ରଦର୍ଶନକୁ ସମୀକ୍ଷା କରିବା ପରେ ବୋର୍ଡ ନେତୃତ୍ୱରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ଜାଦ୍ରାନ୍ ପୂର୍ବରୁ ଦଳର ଉପ-ଅଧିନାୟକ ଭାବେ ଦାୟିତ୍ୱ ତୁଲାଇବା ସହ ଜଣେ ଭରସାଯୋଗ୍ୟ ବ୍ୟାଟର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ଟି-୨୦ ସିରିଜ୍ ମାର୍ଚ୍ଚ ୧୩ରୁ ଆରମ୍ଭ ହେବ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email: mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

RP CONSULTANCY
Since 2011
Media Services :
●Print Media ●Epaper ●News Portal ●You Tube Channel ●Classified & Advertisements
BHUBANESWAR,ODISHA | +91-9439505215 | rpconsultancybbsr@gmail.com

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**